# ନିଆରା ଜୀବନଜୀବିକା ‘ଲାଉତୁମ୍ୱା ବାଜା’

ଅଜିତ ରାଉତ
ଧାମନଗର,୨୦।୯(ଡି.ଏନ୍.ଏ.)


ସୁକୁଟା ଦାସ

ଲାଉତୁମ୍ୱା ବାଦ୍ୟ ବଜାଇ ଆଗରୁ କେଳାମାନେ ଗାଁ ଗାଁ ବୁଲି ସାପ ଖେଳାଉଥିଲେ। ଏବେ କାଁ ଭାଁ ଏହା ଦେଖିବାକୁ ମିଳୁଛି। ଲାଉତୁମ୍ୱା ବାଦ୍ୟ ଶୁଣିଲେ ନାଗ ଜାତୀୟ ସାପମାନେ ଫଣା ଟେକି ଠେଙ୍ଗା ହୋଇ ଉଠନ୍ତି। କେଳାମାନେ ଅଭିନବ କୌଶଳରେ ବିଭିନ୍ନ ବେଶ ଭୂଷା ହୋଇ ଲାଉତୁମ୍ୱା ବାଦ୍ୟ ସହ ସାପ ଖେଳ ଦେଖାଇ ଲୋକଙ୍କ ମନୋରଞ୍ଜନ କରିଥାନ୍ତି। ସାପ ଖେଳ ଉପରେ ସରକାର କଟକଣା ଜାରି କରିବା ପରେ ଆଉ ଆଗଭଳି ଏହା ଦେଖିବାକୁ ମିଳୁ ନାହିଁ। ଲାଉତୁମ୍ୱା ବାଦ୍ୟ ବଜାଇ ଭିକ୍ଷା ବୃତ୍ତି କରୁଥିବା ଗ୍ରାମୀଣ କଳାକାରମାନେ ମଧ୍ୟ ଏହି ବୃତ୍ତିରୁ ଦୂରେଇ ଗଲେଣି।

ପାକଳ ଲାଉର ଖୋଳପା ସହିତ କାଠ ଓ କିଛି ପିତ୍ତଳ ଦ୍ରବ୍ୟରେ ଏହି ବାଦ୍ୟଯନ୍ତ୍ର ତିଆରି ହୋଇଥାଏ। ଏହାର ଧ୍ୱନି ମଧୁର। ଭଦ୍ରକ ଜିଲା ଧାମନଗର ବ୍ଲକ ଦୋବଲ ପଞ୍ଚାୟତ ନୂଆପଡା ଗାଁରେ ରହନ୍ତି କେଳା ସମ୍ପ୍ରଦାୟର ବାସିନ୍ଦା ସୁକୁଟା ଦାସ (୬୨)। ପୂର୍ବରୁ ସେ ବିଭିନ୍ନ ପ୍ରଜାତିର ସାପ ପେଡିରେ ରଖି ଗାଁ ଗାଁ ବୁଲି ସାପ ଖେଳ ଦେଖାଉଥିଲେ। ଲାଉତୁମ୍ୱା ବାଦ୍ୟ ଯନ୍ତ୍ର ବାଦନରେ ସେ ଥିଲେ ବେଶ୍ ମାହିର। ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ସେ ଏହି ବାଦ୍ୟ ପରିବେଷଣ କରୁଥିଲେ। ସୁକୁଟା କହନ୍ତି, ଦୀର୍ଘ ୪୨ ବର୍ଷ ଧରି ସେ ଲାଉତୁମ୍ୱା ବଜାଇ ଆସୁଥିଲେ। ସରକାର କଟକଣା ଲଗାଇବା ପରେ ସେ ଦୀର୍ଘ ୨ ଦଶନ୍ଧି ହେବ ସାପଖେଳ ବନ୍ଦ କରି ଦେଇଛନ୍ତି। ହେଲେ ଲାଉତୁମ୍ୱା ବାଦ୍ୟଯନ୍ତ୍ର ତାଙ୍କୁ ଆଜି ପର୍ଯ୍ୟନ୍ତ ଦାନା ଦେଇଆସିଛି। ଏବେ ଗାଁ ଗାଁ ବୁଲି ଏହି ବାଦ୍ୟଯନ୍ତ୍ରରେ ବିଭିନ୍ନ ଗୀତକୁ ସ୍ୱର କରି ଲୋକଙ୍କ ମନୋରଞ୍ଜନ କରିଆସୁଛନ୍ତି। ଲୋକେ ତାଙ୍କୁ ଆଦରରେ ଡାକି ପାଖରେ ବସାଇ ବିଭିନ୍ନ ଗୀତର ସ୍ୱର ଶୁଣିଥାନ୍ତି। ଲାଉତୁମ୍ୱା ବଜାଇବା କଳା ଓ କୌଶଳ ସେ ପରିବାରରୁ ଶିଖିଥିଲେ। ଆଜିକାଲି ଏହି ବାଦ୍ୟକଳା ଶିଖିବାକୁ ଆଉ କେହି ଆଗ୍ରହ ପ୍ରକାଶ କରୁ ନାହାନ୍ତି। ଦିନ ଆସିବ ବାଦ୍ୟଯନ୍ତ୍ର ଥିଲେ ବି କଳାକାର ନ ଥିବେ। ଗ୍ରାମୀଣ କଳା, ସଂସ୍କୃତିକୁ ବଞ୍ଚାଇ ରଖିବା ଲାଗି ସବୁ ସ୍ତରରେ ଉଦ୍ୟମ ହେବା ଦରକାର।

ସୁକୁଟା କହନ୍ତି, ବର୍ତ୍ତମାନ ସମୟରେ ଲାଉତୁମ୍ୱାକୁ ଭରସା କରି ଜୀବନ ଜୀବିକା ନିର୍ବାହ କରିବା ହୁଏତ ସମ୍ଭବ ହେବ ନାହିଁ। କିନ୍ତୁ ବଦଳୁଥିବା ସମୟ ପାଖରେ ହାର ନ ମାନି ଏହାକୁ ବୃତ୍ତି କରି ୫ ଝିଅଙ୍କୁ ବାହା ଦେବା ସହ ଦୁଇ ପୁଅଙ୍କୁ ବଡ଼ କରି ପାରିଛନ୍ତି। ତାଙ୍କ ଦୁଇପୁଅ ଏବେ ବିଦେଶରେ କାମ କରୁଛନ୍ତି। ଏଥିଲାଗି ସେ ନିଜ ବାଦ୍ୟଯନ୍ତ୍ରକୁ ସବୁ ଶ୍ରେୟ ଦେଇଥାନ୍ତି।

# ଭିନ୍ନକ୍ଷମତା ବିରୋଧରେ ସଂଘର୍ଷ


ସୁକୁମାର ପଣ୍ଡା

**ଚେଷ୍ଟା ଓ ପରିଶ୍ରମ ଦ୍ୱାରା ସବୁ କାମ ସମ୍ଭବ-ଏହା ପ୍ରମାଣିତ କରି ଦେଖାଇଛନ୍ତି ସୁକୁମାର**

କାଳୀପଦ ରାୟ
ପଦ୍ମପୁର,୨୦।୯(ଡି.ଏନ୍.ଏ.)

ପିଲାଦିନୁ ପୋଲିଓ ରୋଗରେ ଆକ୍ରାନ୍ତ ହୋଇ ଭିନ୍ନକ୍ଷମତା ସହ ସେ ଲଢ଼େଇ କରିଆସିଛନ୍ତି। ଦୁଇଗୋଡ଼ରେ ଠିଆ ହୋଇ ଭଲ ଭାବେ ଚାଲି ପାରନ୍ତି ନାହିଁ। ତାଙ୍କୁ ୮ ବର୍ଷ ବୟସ ହୋଇଥିବା ବେଳେ ସେ ଶିକ୍ଷାନୁଷ୍ଠାନକୁ ଯାଇ ନିୟମିତ ପାଠପଢା ଆରମ୍ଭ କରିଥିଲେ। ଚେଷ୍ଟା ଓ ପରିଶ୍ରମ ଦ୍ୱାରା ସବୁ କାମ ସମ୍ଭବ। ଏହା ସେ ପ୍ରମାଣ କରି ଦେଖାଇଥିଲେ। ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟରୁ ଗଣିତରେ ସ୍ନାତକୋତ୍ତର ଶିକ୍ଷା ହାସଲ କରି ୨୦୧୧ରେ ନିଜ ଗାଁଠାରୁ ୧୬ କି.ମି. ଦୂର ଏକ ପ୍ରାଥମିକ ବିଦ୍ୟାଳୟରେ ଚାକିରି ଜୀବନ ଆରମ୍ଭ କରିଥିଲେ। ଭିନ୍ନକ୍ଷମତା ସତ୍ତ୍ୱେ ରୋଜଗାରକ୍ଷମ ହୋଇ ପାରିଥିବାରୁ ତାଙ୍କ ଜୀବନରେ ଆସିଥିଲା ପରିବର୍ତ୍ତନ। ବିବାହ କରି କନ୍ୟା ଓ ପୁତ୍ର ସନ୍ତାନର ଜନକ ହୋଇଥିଲେ। କିନ୍ତୁ ଭାଗ୍ୟର ବିଡମ୍ବନା। ୨୦୧୪ରେ ଏକ ସଡକ ଦୁର୍ଘଟଣା ତାଙ୍କ ଜୀବନକୁ ଅଧିକ ସଂଘର୍ଷମୟ କରି ତୋଳିଛି। ଦୁର୍ଘଟଣାରେ ତାଙ୍କ ମେରୁଦଣ୍ଡ ଆଘାତପ୍ରାପ୍ତ ହେବାରୁ ସେ ଚିକିତ୍ସିତ ହୋଇ ଆରୋଗ୍ୟ ଲାଭ କରିଥିଲେ ମଧ୍ୟ ପରେ ପରିସ୍ରା ନଳୀ ସଂକ୍ରମଣ ଜନିତ ରୋଗରେ ପଡିଥିଲେ। ଏଥିଲାଗି ତାଙ୍କୁ ନିୟମିତ ଔଷଧ ସେବନ କରିବାକୁ ପଡୁଛି। ଜ୍ୱର, କାଶ ଲାଗି ରହିଥିବା ସତ୍ତ୍ୱେ ସେ ନିୟମିତ ଶିକ୍ଷାନୁଷ୍ଠାନକୁ ଯାଇ ଛାତ୍ରୀଛାତ୍ରଙ୍କୁ ପାଠ ପଢାଉଛନ୍ତି। ଶିକ୍ଷାଦାନ ପ୍ରବୃତ୍ତି ତାଙ୍କ ରୋଗ ଯନ୍ତ୍ରଣାକୁ ଲାଘବ କରିବାରେ ଅନେକାଂଶରେ ସହାୟକ ହେଉଛି ବୋଲି ସେ କହିଛନ୍ତି।

ପିଲାଦିନୁ ଭିନ୍ନକ୍ଷମତା ବିରୋଧରେ ଲଢେଇ କରି ଆଗକୁ ବଢିଥିବା ଏହି ଚର୍ଚ୍ଚିତ ବ୍ୟକ୍ତିତ୍ୱ ହେଲେ ସୁକୁମାର ପଣ୍ଡା। ଘର ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଅଧୀନ ରାମକୃଷ୍ଣପୁର ଗ୍ରାମରେ। ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତର ରୁକୁଣାଦେଇପୁର ପ୍ରାଥମିକ ବିଦ୍ୟାଳୟରେ ସେ ଶିକ୍ଷକତା କରୁଛନ୍ତି। ସଡକ ଦୁର୍ଘଟଣାରେ ଆହତ ହେବା ପରଠାରୁ ସେ ଆଉ ଗାଁକୁ ଯାତାୟାତ କରି ନ ପାରି ଏକ ଭଡାଘର ନେଇ ସ୍କୁଲ ପାଖରେ ରହୁଛନ୍ତି। ସୁକୁମାରଙ୍କ ଘରେ ସ୍ତ୍ରୀ, ଗୋଟିଏ ପୁଅ, ଗୋଟିଏ ଝିଅ, ବିଧବା ମା’ ଓ ଭଉଣୀ ରହିଛନ୍ତି। ଏମାନଙ୍କ ପ୍ରତିପୋଷଣ ଦାୟିତ୍ୱ ତାଙ୍କୁ ତୁଲାଇବାକୁ ପଡୁଛି। ସୁକୁମାର ଜଣେ ଛାତ୍ରବତ୍ସଳ ଓ ସ୍ନେହୀ ଶିକ୍ଷକ ହୋଇଥିବାରୁ ଅଞ୍ଚଳବାସୀ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିବା ପ୍ରଧାନଶିକ୍ଷକ ଅକ୍ଷୟ କୁମାର ଓଝା କହିଛନ୍ତି।

# ଦଳବିରୋଧୀ କାର୍ଯ୍ୟ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଲେ ଦଳୀୟ ନେତା

ତିହିଡ଼ି,୨୦।୯(ଡି.ଏନ୍.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକରେ ଜଣେ ଜନପ୍ରତିନିଧିଙ୍କ ଦଳବିରୋଧୀ କାର୍ଯ୍ୟ ନେଇ ବିବାଦ ତେଜିବାରେ ଲାଗିଛି। ବିଜେଡିର ବହୁ ଦଳୀୟ ନେତା ଓ କର୍ମକର୍ତ୍ତା ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ନେଇ ଏକ ପ୍ରେସ୍ ବିବୃତି ଦେଇ ଜଣାଇଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ, ଧାମନଗରର ଏହି ବିବାଦୀୟ ଜନପ୍ରତିନିଧି ପୂର୍ବରୁ ଦଳବିରୋଧୀ କାର୍ଯ୍ୟ ପାଇଁ ବିଜେଡିରୁ ନିଲମ୍ବିତ ହୋଇଥିଲେ। ୨୦୧୭ ପଞ୍ଚାୟତ ନିର୍ବାଚନ ପୂର୍ବରୁ ତାଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଥିଲା। ସେତେବେଳେ ଦଳର ସ୍ଥାନୀୟ ବରିଷ୍ଠ କର୍ମକର୍ତ୍ତାଙ୍କ ମତାମତ ନିଆ ନ ଯାଇ ନିଲମ୍ବନ ଆଦେଶ ପ୍ରତ୍ୟାହୃତ ହୋଇଥିବା ଅଭିଯୋଗ ଉଠିଥିଲା। ଏହାକୁ ନେଇ ଗୋଷ୍ଠୀବିବାଦ ସ୍ଥିତି ସୃଷ୍ଟି ହୋଇଥିଲା। ଏପରିକି ଦଳର ଏକ ଗୋଷ୍ଠୀ ନିଲମ୍ବନ ଆଦେଶ ପ୍ରତ୍ୟାହାରକୁ ପରେ ସମର୍ଥନ ଜଣାଇଥିଲେ। ଦଳରେ ଦୀର୍ଘଦିନ ଧରି ଲାଗି ରହିଥିବା ବିବାଦୀୟ ସ୍ଥିତି ଏବେ ଭିନ୍ନ ମୋଡ଼ ନେଇଛି। ବିଜେଡିର ପୂର୍ବତନ ବିଧାୟକଙ୍କ ସମେତ ବହୁ ଦଳୀୟ ନେତା ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ସଂସ୍କୃତ ଦିବସ ସମାରୋହ

ବାସୁଦେବପୁର,୨୦।୯(ଡି.ଏନ୍.ଏ.)

ବାସୁଦେବପୁର ବେତଡାସ୍ଥିତ ଉତ୍କଳମଣି ଗୋପବନ୍ଧୁ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ସଂସ୍କୃତ ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ବସନ୍ତ କୁମାର ରଥ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସଂସ୍କୃତ ହେଉଛି ଦେବଭାଷା। ଏହି ଭାଷା ସମସ୍ତ ଭାଷାର ଜନନୀ ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ଡା. ସୁରେଶ ଚନ୍ଦ୍ର ସାହୁ ଓ ମୁଖ୍ୟବକ୍ତା ଭାବେ ରାଜ୍ୟ ସଂସ୍କୃତି ଶିକ୍ଷା ମଣ୍ଡଳ ସଂସ୍କୃତ ମହାସଂଘର ସମ୍ପାଦକ ଶୈଳେନ୍ଦ୍ର ନାରାୟଣ ପାଢୀ ଯୋଗଦେଇ ସଂସ୍କୃତ ଭାଷାର ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ବେଣୁଧର ପରିଡା ଯୋଗ ଦେଇଥିଲେ। ଅଧ୍ୟକ୍ଷ ଚିତ୍ତରଞ୍ଜନ ପଣ୍ଡା ସଭାରେ ପୌରୋହିତ୍ୟ କରିଥିଲେ। ଅଧ୍ୟାପିକା ସସ୍ମିତା ଦାଶ ଅତିଥି ପରିଚୟ ପ୍ରଦାନ ଓ ଅଧ୍ୟାପକ ବ୍ରଜମୋହନ ଦାଶ ବେଦପାଠ କରିଥିଲେ। ଅଧ୍ୟାପିକା କାନ୍ତାରାଣୀ ଦାଶ, ମଞ୍ଜୁଳପ୍ରଭା ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଛାତ୍ରୀ ଯାଜ୍ଞସେନୀ ଓଝା ସଂସ୍କୃତ ଭାଷାର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶେଷରେ ସ୍ୱର୍ଣ୍ଣପ୍ରଭା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଶିକ୍ଷାନୁଷ୍ଠାନରେ ବିଦାୟକାଳୀନ ସମ୍ବର୍ଦ୍ଧନା

**ଧାମନଗର,୨୦।୯(ଡି.ଏନ୍.ଏ.):** ଧାମନଗର ବ୍ଲକ ବେଲମଳା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭିମନ୍ୟୁ ମଲ୍ଲିକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଧାମନଗର ଫିଡର ସ୍କୁଲରେ ଆୟୋଜିତ ସଭାରେ ଶିକ୍ଷକ ଅଶୋକ ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଇଓ ପବିତ୍ର ମୋହନ ବାରିକ, ମୁଖ୍ୟବକ୍ତା ଭାବେ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ତ୍ରିଲୋଚନ ନାୟକ, ଏବିଇଓ ଶ୍ରୀଚରଣ ମଲ୍ଲିକ, ପୀତାମ୍ବର ବାରିକ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଅମରେନ୍ଦ୍ର ନାୟକ, ଶୋଭାରାଣୀ ପଣ୍ଡା, ନିରାକାର ରାଉତ ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷକ ମଲ୍ଲିକଙ୍କ ଶିକ୍ଷକତା ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ।

# ପୋଲିସର କଟକଣାକୁ ମୁସଲିମ ଜମାତ ପକ୍ଷରୁ ନିନ୍ଦା

**ଭଦ୍ରକ ଅଫିସ,୨୦।୯:** ଭଦ୍ରକ ସହରରେ ମୁସଲିମ ସମ୍ପ୍ରଦାୟର ପବିତ୍ର ମହରମ ତାଜିଆ ଶୋଭାଯାତ୍ରା ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଆସୁଥିଲା। ଉଭୟ ସମ୍ପ୍ରଦାୟ ଭାଇଚାରାରେ ପର୍ବ ପାଳନ କରୁଥିଲେ। କିନ୍ତୁ ଚଳିତବର୍ଷ ଶେଷ ମୁହୂର୍ତ୍ତରେ ତାଜିଆ ଶୋଭାଯାତ୍ରା ପାରମ୍ପରିକ ରୁଟ୍‌ରେ ଯାଇପାରିବ ନାହିଁ ବୋଲି କଟକଣା ଲଗାଯିବା ପରେ ପୂର୍ବରୁ ପ୍ରାୟୋଜିତ ସମସ୍ତ କାର୍ଯ୍ୟକ୍ରମ ବାତିଲ କରାଯାଇଥିବାରୁ ପ୍ରଶାସର ଏଭଳି କଟକଣାକୁ ଭଦ୍ରକ ମୁସଲିମ ଜମାତ ପକ୍ଷରୁ ନିନ୍ଦା କରାଯାଇଛି। ଏ ସମ୍ପର୍କରେ ଭଦ୍ରକ ମୁସଲିମ ଜମାତ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିଗୋଚର କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନି। ଏଣୁ ଚଉଦ ମହଲା ମୁସଲିମ ଜମାତ ସଭାପତି ହାଜି ଅବଦୁଲ ବାରିଙ୍କ ସମେତ ବିଭିନ୍ନ ପୁରୁଖାମାନେ ଏଭଳି ନିଷ୍ପତ୍ତିକୁ ନିନ୍ଦା କରିଛନ୍ତି। ଏକ ଧର୍ମସଭା ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି।




ଭଦ୍ରକ ଜିଲ୍ଲାର ସମସ୍ତ ଭାଇଭଉଣୀ ଓ ଜନସାଧାରଣଙ୍କୁ ଧରିତ୍ରୀ ସ୍ୱନକ୍ଷତ୍ର ଦିବସ ଅବସରରେ ମୋର ଶୁଭେଚ୍ଛା। ଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ।

ଅଭିମନ୍ୟୁ ସେଠୀ
ଯୁବନେତା, ବିଜୁ ଜନତା ଦଳ, ଭଦ୍ରକ

ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଓଡ଼ଙ୍ଗ ପଞ୍ଚାୟତର ସମସ୍ତ ଯୁବକ ଯୁବତୀ ଓ ଜନସାଧାରଣଙ୍କୁ ଶୁଭେଚ୍ଛା।

ଜଗନ୍ନାଥଙ୍କ କୃପାରୁ ସମସ୍ତଙ୍କର ମଙ୍ଗଳ ହେଉ।
କୀର୍ତ୍ତି ଶଙ୍କର ମହାନ୍ତି
ସଭାପତି, ବିଜୁ ଯୁବ ବାହିନୀ
ଓଡ଼ଙ୍ଗ ପଞ୍ଚାୟତ, ବନ୍ତ

ଭଦ୍ରକ ଜିଲ୍ଲା ଜୋନ ନଂ.୧୪ ଆଗରପଡ଼ା ଅନ୍ତର୍ଗତ ୯ଗୋଟି ଗ୍ରାମପଞ୍ଚାୟତର ସମସ୍ତ ଭାଇଭଉଣୀ ତଥା ଜନସାଧାରଣଙ୍କୁ ଧରିତ୍ରୀ ସ୍ୱନକ୍ଷତ୍ର ଦିବସ ଅବସରରେ ମୋର ହାର୍ଦ୍ଦିକ ଶୁଭକାମନା।

ଶ୍ରୀ ପ୍ରଶାନ୍ତ କୁମାର ଦାଶ
ଜିଲ୍ଲା ପରିଷଦ ସଭ୍ୟ, ଜୋନ ନଂ.୧୪, ଆଗରପଡ଼ା, ବନ୍ତ ବ୍ଲକ୍

ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବନ୍ତ ବ୍ଲକ୍ ଓଡ଼ଙ୍ଗ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା।
ଜଗନ୍ନାଥଙ୍କ କୃପାରୁ ସମସ୍ତଙ୍କର ମଙ୍ଗଳ ହେଉ।

କିଶୋର କିଙ୍କର ପଢ଼ିଆରୀ
ସରପଞ୍ଚ ଓଡ଼ଙ୍ଗ, ବନ୍ତ ବ୍ଲକ୍

ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବନ୍ତ ବ୍ଲକ୍ ଅଣିଜୋ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା।

ବାବା ସିନ୍ଧୁକେଶରଙ୍କ କୃପାରୁ ସମସ୍ତେ ଭଲରେ ରୁହନ୍ତୁ।
ଜଗବନ୍ଧୁ ବେହେରା
ସରପଞ୍ଚ, ଅଣିଜୋ ପଞ୍ଚାୟତ, ବନ୍ତ




A deep sea modern port on the eastern coast of India, The Dhamra Port is the only port in Odisha and one of the very few ports in India that receives Capesize vessels. Efficient planning and professional handling results in minimal pre-berthing delays and fastest turnaround of vessels. Fully mechanized cargo handling facilities achieve discharge rates of over 40000 MTPD for coal and limestone and load rates of over 60000 MTPD for iron ore. Rapid loading silos load the rakes in less than 2 hours and a dedicated freight corridor ensures that cargo is delivered to the destination without any delay. A comprehensive IT system, a single window model and above all, a professional and competent management ensures that one experiences a business environment like never before.

The Dhamra Port Company Limited
(A 100% subsidiary of Adani Ports & SEZ)
HIG-20, BDA Colony, Jayadev Vihar, Bhubaneswar: 751 013, Odisha
Website : www.dhamraport.com




ସିଣ୍ଡିକେଟବ୍ୟାଙ୍କ SyndicateBank

କ୍ଷେତ୍ରୀୟ କାର୍ଯ୍ୟାଳୟ-I:
ପ୍ଲଟ୍ ନଂ.: ୧୫୫୬ ଏବଂ ୧୫୬୧,
ଜାଗମରା, ଖଣ୍ଡଗିରି,
ଭୁବନେଶ୍ୱର-୭୫୧୦୧୯

**ଗୃହ ଋଣ ପରାମର୍ଶଦାତା ତାଲିକାଭୁକ୍ତି ନିମନ୍ତେ ବିଜ୍ଞାପନ**

ସିଣ୍ଡିକେଟ୍ ବ୍ୟାଙ୍କ ୧) ଭୁବନେଶ୍ୱର, ୨) କଟକ, ୩) ଖୋର୍ଦ୍ଧା ପ୍ରଭୃତି ସ୍ଥାନରେ ଗୃହ ଋଣ ପ୍ରସ୍ତାବ ଆଣିବା ନିମନ୍ତେ ଗୃହ ଋଣ ପରାମର୍ଶଦାତାମାନଙ୍କ ତାଲିକାଭୁକ୍ତି ପାଇଁ ପ୍ରସ୍ତାବ ଆହ୍ୱାନ କରୁଅଛି। ଗୃହ ଋଣ ବ୍ୟବସାୟ ନିମନ୍ତେ ବ୍ୟାଙ୍କର ନୀତି ଅନୁସାରେ ଉକ୍ତ ପରାମର୍ଶଦାତାମାନଙ୍କୁ କମିଶନ ପ୍ରଦାନ କରାଯିବ। ଯୋଜନାର ସବିଶେଷ ବିବରଣୀ ଏବଂ ଦରଖାସ୍ତ ଡାଉନଲୋଡ୍ ପାଇଁ ଆମ୍ଭର ୱେବ୍‌ସାଇଟ୍ **www.syndicatebank.co.in/announcement/tender/live tender-empanelment** of vendor-Retail business dept. ଦେଖନ୍ତୁ। ଯୋଗାଯୋଗ: ମିସ୍ ସୁଚରିତା ମହାନ୍ତି, ମୋ.: ୯୪୩୭୩୯୫୩୮୬ ଏବଂ ଶ୍ରୀ ସୁରେଶ ମହାନ୍ତି, ମୁଖ୍ୟ ପ୍ରବନ୍ଧକ, ଆର୍‌ଏମ୍‌ଏଲ୍‌ସି, ମୋ.: ୯୪୩୭୪୬୩୬୩୩। ଦରଖାସ୍ତ ଦାଖଲର ଅନ୍ତିମ ତାରିଖ : ୩୦.୦୯.୨୦୧୮

ସ୍ଥାନ: ଭୁବନେଶ୍ୱର
ତାରିଖ: ୨୦.୦୯.୨୦୧୮
ସ୍ୱା/- କ୍ଷେତ୍ରୀୟ ପ୍ରବନ୍ଧକ
କ୍ଷେତ୍ରୀୟ କାର୍ଯ୍ୟାଳୟ-I (ଜାଗମରା), ଭୁବନେଶ୍ୱର

SBI
**ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର, ଫୋନ୍: ୦୬୭୪-୨୫୪୯୬୬୩

**ସମ୍ପତ୍ତି ବିକ୍ରୟ ନିମନ୍ତେ ନୋଟିସ୍**

**ଆକାଉଣ୍ଟ ନଂ.: ୧୦୩୭୮୨୩୯୧୭୧ – ମେସର୍ସ କ୍ରୀଷ୍ଣା ଜେନେରାଲ ଷ୍ଟୋର**

**ଋଣଗ୍ରହୀତା: ମେସର୍ସ କ୍ରୀଷ୍ଣା ଜେନେରାଲ ଷ୍ଟୋର, ସ୍ୱତ୍ତ୍ୱାଧିକାରୀ: ତାପସ କୁମାର ଗୁଇଁ,** ପିତା: ସ୍ୱ ନରେନ୍ଦ୍ର କୁମାର ଗୁଇଁ, ସା: ପ୍ଲଟ୍ ନଂ.: ୧୭୬୪, ବଡେଇବାଙ୍କ ଛକ, ଓଲ୍ଡ ଟାଉନ୍, ଭୁବନେଶ୍ୱର-୭୫୧୦୦୨, ଜିଲ୍ଲା: ଖୋର୍ଦ୍ଧା / **ଜାମିନ୍‌ଦାର ଏବଂ ବନ୍ଧକଧାତା: ସ୍ୱ ନରେନ୍ଦ୍ର କୁମାର ଗୁଇଁ,** ସ୍ୱ ନରେନ୍ଦ୍ର କୁମାର ଗୁଇଁଙ୍କୁ ପ୍ରତିନିଧିତ୍ୱ କରୁଥିବା ଆଇନଗତ ଉତ୍ତରାଧିକାରୀମାନେ: **୧) ଶ୍ରୀମତୀ ସବିତା ନନ୍ଦି,** ସ୍ୱାମୀ: ସ୍ୱ ନରେନ୍ଦ୍ର କୁମାର ଗୁଇଁ, **୨) ଶ୍ରୀ ତାପସ କୁମାର ଗୁଇଁ,** ପିତା: ସ୍ୱ ନରେନ୍ଦ୍ର କୁମାର ଗୁଇଁ, **ଉଭୟ କ୍ର. ନଂ. ୧ ଏବଂ ୨ଙ୍କର ଠିକଣା-** ସା: ମ୍ୟୁନିସିପାଲ ହସ୍ପିଟାଲ କ୍ୟାମ୍ପସ୍, ଓଲ୍ଡ ଟାଉନ୍, ଭୁବନେଶ୍ୱର-୭୫୧୦୦୨, **ଉଭୟ କ୍ର. ନଂ. ୧ ଏବଂ ୨ଙ୍କର ସ୍ଥାୟୀ ଠିକଣା-** ସା: ଗୋପାଳପୁର, ପୋ: ପ୍ରଥମାଖଣ୍ଡି, ଥାନା: ଧର୍ମଶାଳା, ଜିଲ୍ଲା: ଯାଜପୁର।

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (ସରଫେଶୀ ଆକ୍ଟ) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ସ ୬, ୭, ୮ ଏବଂ ୯ ଅନୁଯାୟୀ ନୋଟିସ୍**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ କ୍ଷମତାପ୍ରାପ୍ତ ଅଧିକାରୀ ଭାବେ ସୁରକ୍ଷିତ ଋଣ **ତା୦୫.୦୩.୨୦୧୭ରିଖ** ସୁଦ୍ଧା **ଟ.୧୩,୯୬,୬୫୪/-** **(ତେର ଲକ୍ଷ ଛୟାନବେ ହଜାର ଛଅ ଶହ ଚଉବନ ଟଙ୍କା ମାତ୍ର)** ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ କରିବା ପାଇଁ ମେସର୍ସ କ୍ରୀଷ୍ଣା ଜେନେରାଲ ଷ୍ଟୋର ଆକାଉଣ୍ଟର ନିମ୍ନ ଦର୍ଶିତ ସମ୍ପତ୍ତିକୁ **ତା୧୩.୦୭.୨୦୧୮ରିଖ** ଦଖଲକୁ ନେଇଛନ୍ତି। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର ବିକ୍ରୟ ନୋଟିସ୍ ପ୍ରକାଶିତ କରି ଉକ୍ତ ସମ୍ପତ୍ତିର ବିକ୍ରି ପ୍ରକ୍ରିୟା ଆରମ୍ଭ କରିବାକୁ ଯାଉଛନ୍ତି। ଆପଣଙ୍କୁ **ତା୦୬.୦୩.୨୦୧୭ରିଖରେ ଜାରି ଚିଠି ନଂ. SARB/BBSR/CM-I/JN/1673(2)** ଦ୍ୱାରା ୬୦ ଦିନିଆ ନୋଟିସ୍ ଏବଂ ପୁନଶ୍ଚ **୩୦ ଦିନିଆ** ନୋଟିସ୍ ପ୍ରଦାନ କରାଯାଇ ଋଣ ପରିଶୋଧ କରିବାକୁ କୁହାଯାଇଥିଲା। ଧାର୍ଯ୍ୟ ସମୟ ଅତିକ୍ରାନ୍ତ ପରେ ମଧ୍ୟ ଆପଣ ଋଣ ପରିଶୋଧ କରୁନାହାନ୍ତି ତେଣୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସରଫେଶୀ ଆକ୍ଟ, ୨୦୦୨ର ନିୟମ ଅନୁସାରେ ଆଶାୟୀ କ୍ରେତାଙ୍କୁ ସମ୍ପତ୍ତି ବିକ୍ରୟ ପାଇଁ ସ୍ଥିର କରିବେ। ଆମ୍ଭେ ପୁନଶ୍ଚ ଆପଣଙ୍କୁ ଜଣାଇ ଦେଉଛୁ କି ଯଦି ଆପଣଙ୍କର କେହି କ୍ରେତା ସମ୍ପତ୍ତି କ୍ରୟ କରିବାକୁ ଇଚ୍ଛୁକ ଅଛନ୍ତି ତେବେ ଆପଣଙ୍କର ସେହି କ୍ରେତା ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ସମ୍ପତ୍ତି କ୍ରୟ ନିମନ୍ତେ ବିଡ୍ ପକାଇ ପାରିବେ।

**ବିକ୍ରୟ ହେବାକୁ ଥିବା ସମ୍ପତ୍ତିର ବିବରଣୀ**

**ସ୍ୱ ନରେନ୍ଦ୍ର କୁମାର ଗୁଇଁ,** ପିତା: କେଲୁ ଚରଣ ଗୁଇଁଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ପାତ୍ରପଡ଼ା, ତହସିଲ: ଭୁବନେଶ୍ୱର, ଖାତା ନଂ.: ୭୦୩/୪୪୧, ପ୍ଲଟ୍ ନଂ.: ୨୧୯/୧, କ୍ଷେତ୍ର: ଏକର୦.୦୫୦ଡିସିମିଲି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ବସନ୍ତ କୁମାର ଦାସ, ଦକ୍ଷିଣ: ସରକାରୀ ପ୍ଲଟ୍, ପୂର୍ବ: ହରପ୍ରିୟା ମିଶ୍ର, ପଶ୍ଚିମ: ଏସ୍.ଏନ୍. ସେନାପତି।

**ତାରିଖ: ୧୮.୦୯.୨୦୧୮, ସ୍ଥାନ: ଭୁବନେଶ୍ୱର**
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଧରିତ୍ରୀ
DHARITRI
ବାଲେଶ୍ୱର, ଶୁକ୍ରବାର, ୨୧ ସେପ୍ଟେମ୍ବର, ୨୦୧୮



## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

**ଭଣ୍ଡାରିପୋଖରୀ, ୨୦।୯(ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ପୁରିପଡା ଛକଠାରେ ବୁଧବାର ବିଳମ୍ବିତ ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନାହିଁ। ସେ ମାନସିକ ବିକୃତ ଥାଇ ସ୍ଥାନୀୟ ଅଞ୍ଚଳରେ ବୁଲାବୁଲି କରୁଥିଲେ। ବୁଧବାର ରାତିରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ଖବର ପାଇ ପୋଲିସ ସେଠାରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହଯୋଗରେ ତାଙ୍କୁ ଭଣ୍ଡାରିପୋଖରୀ ଡାକ୍ତରଖାନାକୁ ନେଇଥିଲା। ପରେ ତାଙ୍କୁ ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଭଣ୍ଡାରିପୋଖରୀ ଥାନାରେ ଏନେଇ ଏକ ମାମଲା(ନଂ.୧୫୯/୧୮) ରୁଜୁ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି।

### କିରୋସିନ ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ: ଚାଳକ ଗୁରୁତର

**ଭଣ୍ଡାରିପୋଖରୀ, ୨୦।୯(ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ୧୬ ନମ୍ବର ଜାତୀୟ ରାଜପଥର ଛତାବର ଛକ ନିକଟରେ ବୁଧବାର ରାତିରେ ଏକ କିରୋସିନ ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଟ୍ୟାଙ୍କର ଭାରସାମ୍ୟ ହରାଇ ରାଜପଥ ପାର୍ଶ୍ୱ ନୟନଯୋରିକୁ ଓଲଟି ପଡ଼ିଥିଲା। ଚାଳକ ଯଦୁମଣି ମୁଣ୍ଡା ଗୁରୁତର ଆହତ ହୋଇ ଭଣ୍ଡାରିପୋଖରୀ ଡାକ୍ତରଖାନାରେ ଚିକିତ୍ସିତ ହୋଇଛନ୍ତି। ଟ୍ୟାଙ୍କରରେ ଥିବା ହଜାର ହଜାର ଲିଟର କିରୋସିନ ପାଣିରେ ଭାସିବା ସହ ସ୍ଥାନୀୟ ଅଞ୍ଚଳର ଲୋକେ କିଛି ନେଇଯାଇଥିଲେ। ଖବର ପାଇ ଭଣ୍ଡାରିପୋଖରୀ ଥାନା ଏଏସ୍ଆଇ ଗୌରମଣି ସିଂ ଘଟଣାସ୍ଥଳରେ ପହଞ୍ଚି ଟ୍ୟାଙ୍କର ଚାଳକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ସ୍ଥାନୀୟ ଡାକ୍ତରଖାନାକୁ ପଠାଇଥିଲେ। ରିପୋର୍ଟ ଲେଖା ହେବା ସୁଦ୍ଧା ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା।

### ମୁମୂର୍ଷୁ ଅବସ୍ଥାରେ ଶ୍ରମିକ ଉଦ୍ଧାର ଘଟଣା: ଥାନାରେ ମାମଲା

**ଭଦ୍ରକ ଅଫିସ, ୨୦।୯:** ଭଦ୍ରକ ଜିଲା ଗ୍ରାମାଞ୍ଚଳ ଥାନା ଅଧୀନ ବଉଳପୋଖରୀ ଗ୍ରାମର ଜଣେ ଠିକାଦାରଙ୍କ ଶିଡି ଘରୁ ମୁମୂର୍ଷୁ ଅବସ୍ଥାରେ ଶ୍ରମିକ ଦିଲୀପ ଝଲିଆଙ୍କୁ ପୋଲିସ ବୁଧବାର ଉଦ୍ଧାର କରିଥିଲା। ଏହି ଘଟଣାକୁ ନେଇ ଦିଲୀପଙ୍କ ଭଉଣୀ ରାଧାରାଣୀଙ୍କ ଅଭିଯୋଗ କ୍ରମେ ଗ୍ରାମାଞ୍ଚଳ ଥାନାରେ ଏକ ମାମଲା(ନଂ. ୪୫୮/୧୮) ରୁଜୁ ହୋଇ ପୋଲିସ ତଦନ୍ତ ଚଳାଇଛି। ତାଙ୍କ ଭାଇଙ୍କୁ ଠିକାଦାର ଅମର ଶୁକ୍ଳ ଓ ତାଙ୍କ ସ୍ତ୍ରୀ ଶାରୀରିକ ନିର୍ଯାତନା ଦେଇଥିବା ସହ ମଜୁରି ମାଗିଲେ ମାଡ଼ ମାରୁଥିଲେ ବୋଲି ଏତଲାରେ ଦର୍ଶାଯାଇଛି। ଉଲ୍ଲେଖନୀୟ ଯେ, କେନ୍ଦୁଝର ଆନନ୍ଦପୁର ଅଞ୍ଚଳର ଟାଙ୍ଗର ଗ୍ରାମର ଦିଲୀପ ଗତ ୬ ମାସ ଧରି ସମ୍ପୃକ୍ତ ଠିକାଦାରଙ୍କ ଅଧୀନରେ ଟ୍ରାକ୍ଟର ଚାଳକ ଭାବେ କାମ କରିଆସୁଥିଲେ। ଠିକାଦାର ତାଙ୍କୁ ଉପଯୁକ୍ତ ପାରିଶ୍ରମିକ ନ ଦେଇ ନିର୍ଯାତନା ଦେଇଆସୁଥିଲେ। ସୋମବାର ରାତିରେ ଠିକାଦାର ତାଙ୍କୁ ମାରଧର କରି ମୁମୂର୍ଷୁ ଅବସ୍ଥାରେ ଶିଡ଼ି ଘରେ ତାଲା ପକାଇ ରଖିଥିଲେ। ଖବର ପାଇ ରାଷ୍ଟ୍ରୀୟ ମାନବାଧିକାର ପରିଷଦ ଭଦ୍ରକ ଶାଖା ସଭାପତି ଖିତିଶ ବେହେରା ଓ ସଦସ୍ୟମାନେ ଏସ୍‌ଡିପିଓ ଜଳନ୍ଧର ଜାଲିଙ୍କୁ ସୂଚନା ଦେଇଥିଲେ। ଏସ୍‌ଡିପିଓଙ୍କ ନିର୍ଦ୍ଦେଶ କ୍ରମେ ଗ୍ରାମାଞ୍ଚଳ ଥାନା ପୋଲିସ ଦିଲୀପଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଇଥିଲା।

### ପିଚୁ ରାସ୍ତାରେ ମୋରମ ପକାଇବାକୁ ନେଇ ରାସ୍ତାରୋକୋ

**ଭଦ୍ରକ ଅଫିସ,୨୦।୯:** ଭଦ୍ରକ ସହର ପୁରୁଣାବଜାର ଅଞ୍ଚଳ ନଙ୍ଗାମହଲା ଛକରେ ଗୁରୁବାର ଶତାଧିକ ଲୋକେ ରାସ୍ତା ଉପରେ ବାଉଁଶ ବାନ୍ଧି ରାସ୍ତାରୋକୋ କରିଥିଲେ। କଚେରି ବଜାରଠାରୁ ହଳଦୀଡିହ ବାଇପାସ୍ ପର୍ଯ୍ୟନ୍ତ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାରେ ନଙ୍ଗାମହଲା ଛକ ନିକଟରେ ଖାଲଖମା ପିଚୁ ରାସ୍ତାରେ ନାଲି ମୋରମ ପକାଇ ଦିଆଯାଇଥିବାରୁ ରାସ୍ତା କାଦୁଅ ହୋଇଯାଇଥିଲା। ଫଳରେ ଲୋକେ ଯାତାୟାତ କରିବାରେ ହଇରାଣ ହୋଇଥିଲେ। ପୂର୍ତ୍ତ ବିଭାଗର ଖାମଖିଆଲି ଯୋଗୁ ଏଭଳି ସମସ୍ୟା ଉପୁଜିଥିବା ଅଭିଯୋଗ କରି ୧୪, ୧୮ ଓ ୧୯ ୱାର୍ଡର ଲୋକେ ରାସ୍ତାରୋକୋ କରିଥିଲେ। ପୁରୁଣାବଜାର ଥାନାଧିକାରୀ ପ୍ରଜ୍ଞା ମହାନ୍ତି, ଏସ୍‌ଡିପିଓ ଜଳନ୍ଧର ଜାଲି ସେଠାରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

# ବର୍ଷାରେ ଭିଜି ନିରାଶହୋଇ ଫେରିଲେ

## ସାମର୍ଥ୍ୟ ଶିବିରରେ ଅବ୍ୟବସ୍ଥା


ନିଳୋକରେ ଆୟୋଜିତ ଭୀମ ଭୋଇ ସାମର୍ଥ୍ୟ ଶିବିର।

- କାର୍ଯ୍ୟକ୍ରମ ସମ୍ପର୍କରେ ମିଳି ନ ଥିଲା ଠିକ୍ ସୂଚନା
- ଆସିଲେନି କେହି ଜିଲା ପ୍ରଶାସନିକ ଅଧିକାରୀ

**ବନ୍ତ,୨୦।୯(ଡି.ଏନ୍.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ନିଳୋକସ୍ଥିତ ଆଦର୍ଶ ବିଦ୍ୟାଳୟଠାରେ ଗୁରୁବାର ବିଭିନ୍ନ ଅବ୍ୟବସ୍ଥା ମଧ୍ୟରେ ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଲଗାଣ ବର୍ଷା ଶିବିର ଆୟୋଜନରେ ଅନ୍ତରାୟ ସୃଷ୍ଟି କରିଥିଲା। ଶିବିର ପରିଚାଳନା କାର୍ଯ୍ୟ ଠିକ୍ ଭାବେ ନ ହେବାରୁ ଦୂର ଦୁରାନ୍ତରୁ ଆସିଥିବା ଅନେକ ଭିନ୍ନକ୍ଷମ ହଇରାଣ ହୋଇଥିଷଲ। ଏପରି କି କେତେକ ଭିନ୍ନକ୍ଷମଙ୍କୁ ପ୍ରମାଣ ଧରି ଆସ ବୋଲି କୁହାଯିବାରୁ ସେମାନେ ନିରାଶ ହୋଇ ଫେରିଥିବା ଅଭିଯୋଗ କରିଛନ୍ତି।

ଭିନ୍ନକ୍ଷମଙ୍କୁ ଚିହ୍ନଟ କରି ମୁଖ୍ୟସୋତ୍ରରେ ସାମିଲ କରିବା ସକାଶେ ସରକାରଙ୍କ ପକ୍ଷରୁ ପ୍ରତି ପଞ୍ଚାୟତରେ ଭୀମଭୋଇ ସାମର୍ଥ୍ୟ ଶିବିର କରାଯିବା ଲାଗି କୁହାଯାଇଛି। ତଦନୁଯାୟୀ ନିଳୋକସ୍ଥିତ ଆଦର୍ଶ ବିଦ୍ୟାଳୟଠାରେ ଗୁରୁବାର ଏହି ଶିବିର ଅନୁଷ୍ଠିତ ହୋଥିଲା। ବନ୍ତ ବ୍ଲକ ପ୍ରଶାସନ ପକ୍ଷରୁ ଆୟାଜିତ ଶିବିରରେ ବିଡିଓ ରେବେକା ବିଲୁଂଗ, ତହସିଲଦାର ଫକୀର ଚରଣ ପରିଡା ଏବଂ ବ୍ଲକ ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। କୌଣସି ଜିଲା ପ୍ରଶାସନିକ ଅଧିକାରୀ ଶିବିରକୁ ଆସି ନ ଥିଲେ। ସକାଳ ୯ଟା ବେଳେ ଶିବିର ଆରମ୍ଭ ହେବାକୁ ଥିବା ବେଳେ ନିର୍ଦ୍ଧାରିତ ସମୟ ପୂର୍ବରୁ ୮ଟା ସୁଦ୍ଧା ବହୁ ଭିନ୍ନକ୍ଷମ ଆସି ପହଞ୍ଚି ଯାଇଥିଲେ । ଲଘୁଚାପ ଜନିତ ବର୍ଷା ସତ୍ତ୍ୱେ ଲୋକେ ଭିଜି ଭିଜି ଶିବିରକୁ ଆସୁଥିବାର ଦେଖାଯାଇଥିଲା। ବିଦ୍ୟାଳୟ ପରିସରରେ ନାମକୁ ମାତ୍ର ଗୋଟିଏ ତମ୍ବୁର ବ୍ୟବସ୍ଥା କରାଯାଇଥିଲା। ଫଳରେ ସେଠାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ପାରି ନ ଥିଲା। ବହୁ ବିଳମ୍ବରେ ବିଦ୍ୟାଳୟ ବାରଣ୍ଡାରେ ଶିବିର କାର୍ଯ୍ୟ ଆରମ୍ଭ ହୋଇଥିଲା। ଫଳରେ ବର୍ଷା ଓ ଭିଡରେ ଲୋକେ ହନ୍ତସନ୍ତ ହୋଇଥିଲେ। ୧ ବର୍ଷରୁ ୧୪ ବର୍ଷ ବୟସର ୧୫୯ ଭିନ୍ନକ୍ଷମ, ଚଳନଗତ ଅକ୍ଷମତା ରହିଥିବା ୧୪୯, ଦୃଷ୍ଟି ବାଧିତ ୭୬, ଶ୍ରବଣ ବାଧିତ ୬୬, ମାନସିକ ବାଧିତ ୬୧ ଓ ବହୁ ଦିନର ସ୍ନାୟୁଜନୀତ ରୋଗରେ ଆକ୍ରାନ୍ତ ୧୦ ଭିନ୍ନକ୍ଷମଙ୍କୁ ମିଶାଇ ମୋଟ ୫୨୧ ଜଣଙ୍କ ନାମ ପଞ୍ଜୀକରଣ କରାଯିବା ପରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି ଶିବିରରେ ରାଜ୍ୟରେ ପ୍ରଥମ ଥର ୧୮ ବର୍ଷରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମଙ୍କ ପାଇଁ ଭୋଟର ତାଲିକା କକ୍ଷଖୋଲା ଯାଇଥିଲା, ଯେଉଁଠି ୧୩ ଜଣ ଭିନ୍ନକ୍ଷମ ନାମ ପଞ୍ଜୀକରଣ କରିଥିଲେ। ନାମ ପଞ୍ଜୀକରଣ କକ୍ଷ ବ୍ୟତୀତ ଡାକ୍ତରୀ ପରୀକ୍ଷା କକ୍ଷ, ବିଶେଷ ଉପକରଣ ଓ ଭୋଟର ତାଲିକାରେ ନାମ ପଞ୍ଜୀକରଣ ଆଦି କକ୍ଷମାନ ଖୋଲା ଯାଇଥିଲା। ଏଠାକାର ୧୪ ନମ୍ବର ଜୋନ ଅଧୀନ ବିଭିନ୍ନ ପଞ୍ଚାୟତରୁ ବହୁ ଭିନ୍ନକ୍ଷମ ବର୍ଷାରେ ଭିଜି ଶିବିରକୁ ଆସିଥିଲେ ମଧ୍ୟ ସେମାନଙ୍କୁ ଅନ୍ୟ ଶିବିରରେ ସୁଯୋଗ ଦିଆଯିବ କୁହାଯାଇ ଫେରାଇ ଦିଆଯାଇଥିଲା। ବ୍ଲକର ୧୫ ଓ ୧୬ ନମ୍ବର ଜୋନ୍‌ରେ ଥିବା ୧୩ଟି ପଞ୍ଚାୟତ ପାଇଁ ଏହି ଶିବିର ଉଦ୍ଦିଷ୍ଟ ଥିବା ପ୍ରଶାସନ ପକ୍ଷରୁ ସଫେଇ ଦିଆଯାଇ ଥିଲା। ଏ ସମ୍ପର୍କରେ ଲୋକଙ୍କୁ ଠିକ୍ ଭାବେ ସୂଚନା ଦିଆଯାଇ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ଅଭିଯୋଗ କରି ଭିନ୍ନକ୍ଷମମାନେ ପ୍ରତିକ୍ରିୟା ବ୍ୟକ୍ତ କରିଥିଲେ। ସେହିପରି କେତେକ ଭିନ୍ନକ୍ଷମଙ୍କୁ ପୂର୍ବ ଡାକ୍ତରୀ ପରୀକ୍ଷା ରିପୋର୍ଟ ଆଣି ନ ଥିବା କୁହାଯାଇ ଫେରାଇ ଦିଆଯାଇଥିବା ସେମାନେ ଅଭିଯୋଗ କରିଛନ୍ତି।

### ଭସାଣି ଶୋଭାଯାତ୍ରାରେ ବାଜିବନି ଡିଜେ

**ବାସୁଦେବପୁର,୨୦।୯(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ଥାନା ଅଞ୍ଚଳ ଏକ ସମ୍ବେଦନଶୀଳ ଅଞ୍ଚଳ। ପାର୍ବଣ ଋତୁରେ ହିନ୍ଦୁ ଓ ମୁସଲମାନଙ୍କ ପର୍ବପର୍ବାଣୀ ଯେପରି ଶାନ୍ତିପୂର୍ଣ୍ଣ ଭାବେ ପାଳନ ହୋଇପାରିବ ସେନେଇ ଶାନ୍ତି କମିଟି ବୈଠକ ବାସୁଦେବପୁର ଥାନାରେ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ଉମାଶଙ୍କର ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ଉଭୟ ସମ୍ପ୍ରଦାୟର ପର୍ବପର୍ବାଣୀ କିପରି ଶାନ୍ତିପୂର୍ଣ୍ଣ ଭାବେ ପାଳନ ହେବ ଓ ଦୁଇ ସମ୍ପ୍ରଦାୟ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ସୃଷ୍ଟି ସମ୍ପର୍କରେ ଆଲୋଚନା ହୋଇଥିଲା। ବିଶେଷ କରି ପୂଜାପାର୍ବଣ ଓ ଭସାଣି ଶୋଭାଯାତ୍ରାରେ ଡିଜେ ସାଉଣ୍ଡ ଉପରେ କଟକଣା ରଖାଯିବା ପ୍ରତି ଗୁରୁତ୍ୱ ଦିଆଯାଇଥିଲା। ଏଥିସହିତ ଆଇନକୁ ଅବମାନନା କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଲାଗି ଦାବି କରାଯାଇଥିଲା। ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, କାଉନସିଲର ମାନସ ରଞ୍ଜନ ସାହୁ, ଅମିନୁଦ୍ଦିନ ଖାଁ, ସେକ୍ ମନଜୁର ଅଲ୍ଲୀ(ଆଇନଜୀବୀ), ପ୍ରଦୀପ କୁମାର ମହାନ୍ତି, ପୂର୍ବତନ କାଉନସିଲର ତୋହିଦ ଖାଁ, ସଞ୍ଜୟ ପାତ୍ର, ସମ୍ବିତ ମହାନ୍ତି, ଯୁବ ବିଜେଡି ବ୍ଲକ ସଭାପତି ଅସିତ ଦାଶ ପ୍ରମୁଖ ନିଜର ମତ ଉପସ୍ଥାପନ କରିଥିଲେ।

# ସ୍ୱଚ୍ଛତା ପ୍ରଦର୍ଶନୀରେ ୨୯ ପ୍ରକଳ୍ପ

**ଭଣ୍ଡାରିପୋଖରୀ,୨୦।୯(ଡି.ଏନ.ଏ.)**


ସ୍ୱଚ୍ଛତା ପ୍ରଦର୍ଶନୀ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦା ଉନ୍ନୀତ ଉ.ପ୍ରା. ବିଦ୍ୟାଳୟଠାରେ ବିଦ୍ୟାଳୟସ୍ତରୀୟ ସ୍ୱଚ୍ଛତା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱଚ୍ଛତା ଉପରେ ୨୯ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରଧାନଶିକ୍ଷକ ପୁରୁଷୋତ୍ତମ ଧଳ ଏଥିରେ ପୌରୋହିତ୍ୟ କରିଥିଲେ। ଏବିଇଓ ଅଭିମନ୍ୟୁ ପ୍ରଧାନ ମୁଖ୍ୟଅତିଥି ଏବଂ ସିଆର୍‌ସିସି ପୁଷ୍ପକ ଚନ୍ଦ୍ର ଭାରତୀ, ଗୋଲକ ଚନ୍ଦ୍ର ମହାନ୍ତି, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ପ୍ରଫୁଲ୍ଲ ସାହୁ, ଜଗବନ୍ଧୁ ମହାପାତ୍ର, ମାଳତୀ ପରିଡ଼ା, ମଧୁସୂଦନ ବାରିକ, ରୀତାରାଣୀ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ୱଚ୍ଛତା ହିଁ ଉତ୍ତମ ସ୍ୱାସ୍ଥ୍ୟର ଚାବିକାଠି। ସ୍ୱଚ୍ଛ ପରିବାରରୁ ସ୍ୱଚ୍ଛ ଭାରତ ଗଠନ ସମ୍ଭବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଭୁତି ଭୂଷଣ ମହାନ୍ତି, ଧନେଶ୍ୱର ସାହୁ, ଗାୟତ୍ରୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଚାରକ ଭାବେ ବିଜ୍ଞାନ ଶିକ୍ଷକ ସମ୍ବିତ ମିଶ୍ର, ବିମଳ ଦାସ, ଶରତ କୁଣ୍ଡ, ପ୍ରଶାନ୍ତ ଜେନା ଯୋଗଦେଇ ମୂଲ୍ୟାୟନ କରିଥିଲେ। ଅମିତା ଜେନା ଉଦ୍ଦେଶ୍ୟ ଜ୍ଞାପନ, ନରେନ୍ଦ୍ର ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ମଧୁସ୍ମିତା ପରିଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱଚ୍ଛତା ନାଟକ ପରିବେଷଣ ହୋଇ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## କଲେଜ କାନ୍ଥରୁ ୧୮ ନାଗ ଛୁଆ ଉଦ୍ଧାର

**ଧାମନଗର,୨୦।୯(ଡି.ଏନ.ଏ.)**



ଭଦ୍ରକ ଜିଲା ଧାମନଗର ବ୍ଲକ ଶହୀଦନଗରସ୍ଥିତ ଶହୀଦ ସ୍ମୃତି ଜୁନିୟର ମହାବିଦ୍ୟାଳୟରେ ଏକ ପୁରୁଣା ଢଳେଇ କାନ୍ଥରୁ ୧୮ ନାଗ ଛୁଆ ଉଦ୍ଧାର କରାଯାଇଛି। ବୁଧବାର କଲେଜରେ ପାଠପଢ଼ା ସମୟରେ ଏକ ଶ୍ରେଣୀଗୃହର କାନ୍ଥରୁ ଖଣ୍ଡେ ପ୍ଲାଷ୍ଟର ଖସି ପଡ଼ିଥିଲା। ପରେ ଖସ୍ ଖସ୍ ଶଦ୍ଦ ହେବାରୁ ଛାତ୍ରୀଛାତ୍ର କାନ୍ଥ ଫାଟରେ ସାପ ରହିଥିବା ଦେଖି ଭଦ୍ରକ ସ୍ନେକ ହେଲ୍ପ ଲାଇନକୁ ଖବର ଦେଇଥିଲେ। ସ୍ନେକ ହେଲ୍ପ ଲାଇନର ସେକ୍ ମିର୍ଜା ତାଙ୍କ ଟିମ୍ ସହ ସେଠାରେ ସନ୍ଧ୍ୟାରେ ପହଞ୍ଚିଥିଲେ। ଉକ୍ତ କାନ୍ଥକୁ ଖୋଳି ୧୮ଟି ନାଗ ଛୁଆଙ୍କୁ ଉଦ୍ଧାର କରିଥିବା ବେଳେ କେତୋଟି ସାପ ଖସି ପଳାଇଥିବା ସେ ସୂଚନା ଦେଇଛନ୍ତି। ସେହି କାନ୍ଥରେ ଆହୁରି ସାପ ଛୁଆ ଥିବା ସେ କହିଛନ୍ତି। ବୁଧବାର ରାତିରେ ସେ ୧୮ ନାଗ ଛୁଆଙ୍କୁ ଧରି ବନବିଭାଗକୁ ହସ୍ତାନ୍ତର କରିଥିଲେ। ପୂର୍ବରୁ ଧାମନଗର ଅଞ୍ଚଳରେ ନାଗ ସାପଙ୍କ ବଂଶ ବୃଦ୍ଧି ହୋଇ ବିଭିନ୍ନ ସ୍ଥାନରୁ ଶହ ଶହ ନାଗ ଛୁଆ, ନାଗ, ନାଗୁଣିଙ୍କୁ ଧରା ଯାଇଥିଲା। ଏବେ ପୁଣି ଶହୀଦନଗର ଅଞ୍ଚଳରୁ ନାଗ ଛୁଆ ବାହାରିଥିବାରୁ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି।

# ଅନ୍ତ୍ୟୋଦୟ ଯୋଜନାରେ ଅନିୟମିତତା

**ଆରଡି,୨୦।୯(ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ପାଳସାହି ପଞ୍ଚାୟତରେ ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ଅନିୟମିତତା ହୋଇଥିବା ଘଟଣା ପଦାକୁ ଆସିଛି। ସୂଚନା ଅଧିକାର ଆଇନ(୪୬୪୫) ବଳରେ ଜଣେ ବ୍ୟକ୍ତି ଏ ବିଷୟରେ ସୂଚନା ପ୍ରଦାନ ପାଇଁ ଗତ ଜୁଲାଇ ମାସରେ ବ୍ଲକ ଯୋଗାଣ ଅଧିକାରୀଙ୍କୁ ଆବେଦନ କରିଥିଲେ। ଗତ ଅଗଷ୍ଟ ୧୬ ତାରିଖରେ ତାଙ୍କୁ ସୂଚନା ସମ୍ବଳିତ କାଗଜପତ୍ର ପ୍ରଦାନ କରାଯାଇଥିଲା। ଏଥିରୁ ଏହି ଯୋଜନାରେ ପୂର୍ବ ହିତାଧିକାରୀଙ୍କୁ ବାଦ୍ ଦିଆଯାଇଥିବା ଜଣାପଡ଼ିଥିଲା। ଚଳିତ ମାସ ୧୫ ତାରିଖରେ ଏ ସମ୍ପର୍କରେ ପଞ୍ଚାୟତର ହିତାଧିକାରୀଙ୍କ ସମେତ ବହୁ ବ୍ୟକ୍ତି ଭଦ୍ରକ ଜିଲାପାଳଙ୍କ ନିକଟରେ ଏହି ଯୋଜନାରେ ଅନିୟମିତତା ହୋଇଥିବା ନେଇ ଏକ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ଏନେଇ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ସେମାନେ ଦାବି କରିଥିଲେ। ଅଭିଯୋଗରେ ଦର୍ଶାଯାଇଛି ଯେ, ପଞ୍ଚାୟତ ତରଫରୁ ନୂଆ ତାଲିକା ପ୍ରସ୍ତୁତ କରାଯାଇ ପୂର୍ବରୁ ଏହି ଯୋଜନାରେ ଥିବା ଗରିବ ହିତାଧିକାରୀଙ୍କୁ ବାଦ୍ ଦିଆଯାଇଛି। ଆର୍ଥିକ ସ୍ୱଚ୍ଛଳ ବ୍ୟକ୍ତିଙ୍କୁ ଯୋଜନାରେ ସାମିଲ କରାଯାଇଥିବା ବେଳେ ଏକ ନିର୍ଦ୍ଦିଷ୍ଟ ଦଳକୁ ପ୍ରାଧାନ୍ୟ ଦିଆଯାଇଛି। ୭ ଦିନ ମଧ୍ୟରେ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ପଞ୍ଚାୟତ ଅଫିସ ଆଗରେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଥିଲା। ଇତିମଧ୍ୟରେ ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଆସନ୍ତା ସୋମବାର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ହିତାଧିକାରୀମାନେ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି।

### ଭଦ୍ରକରେ ଅର୍ଥ କମିଶନ ଅଧ୍ୟକ୍ଷ

**ଭଦ୍ରକ ଅଫିସ,୨୦।୯**

ଗୁରୁବାର ମଧ୍ୟାହ୍ନରେ ରାଜ୍ୟ ଅର୍ଥ କମିଶନ ଅଧ୍ୟକ୍ଷ ରବିନାରାୟଣ ସେନାପତି ଭଦ୍ରକ ଗସ୍ତରେ ଆସି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲାପାଳ ଜ୍ଞାନରଞ୍ଜନ ଦାସ, ପିଡି ମଧୁସୂଦନ ମିଶ୍ରଙ୍କ ଉପସ୍ଥିତିରେ ସେ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ବ୍ଲକର ବିଡିଓ, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଭୋଟର ତାଲିକା ସଂଶୋଧନ ସମ୍ପର୍କିତ ବୈଠକ


ବୈଠକରେ ଉପସ୍ଥିତ ଉପଜିଲାପାଳ ଓ ଅନ୍ୟମାନେ।

**ଭଣ୍ଡାରିପୋଖରୀ, ୨୦।୯(ଡି.ଏନ.ଏ.)**

ଭଣ୍ଡାରିପୋଖରୀ ପଞ୍ଚାୟତ ସମିତି ସମ୍ମିଳନୀ ଗୃହଠାରେ ଭୋଟର ତାଲିକା ସଂଶୋଧନ ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ବନମାଳୀ ତରାଇ ଏଥିରେ ପୌରୋହିତ୍ୟ କରିଥିଲେ। ନୂତନ ଭୋଟର ଯୋଗ ଓ ଭୁଲ୍ ସଂଶୋଧନ ନେଇ ଗୁରୁତ୍ୱାରୋପ କରାଯାଇଥିଲା। ଉପଜିଲାପାଳ ସୁଚାରୁ ବଳ, ତହସିଲଦାର ପ୍ରଣୟ କୁମାର ଜେନା, ବ୍ଲକ ଶିକ୍ଷାଧିକାରୀ ଦୀପକ କୁମାର ପାଢୀ, ବ୍ଲକ ଉପାଧ୍ୟକ୍ଷ ସତ୍ୟବ୍ରତ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ଆସନ୍ତା ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ସେପ୍ଟେମ୍ବର ୨୩, ଅକ୍ଟୋବର ୮ ଓ ୨୮ ତାରିଖରେ ବୁଥ୍‌ରେ ଏହି ସଂଶୋଧନ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ୩ ପ୍ରମୁଖ ଦଳର ବ୍ଲକ ସଭାପତି ଲକ୍ଷ୍ମୀଧର ନାୟକ, ଜଗବନ୍ଧୁ ଦାସ, ରଜନୀକାନ୍ତ ଚନ୍ଦ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସରୋଜିନୀ ସାହୁ, ପଞ୍ଚାୟତ ଅଧିକାରୀ ଶର୍ମିଷ୍ଠା ମଲିକ, ଜନମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଜୟାନନ୍ଦ ରାଉତ, ପ୍ରୋଗ୍ରେସ ଆସିଷ୍ଟାଣ୍ଟ ମୀନକେତନ ବାରିକ, ଅଙ୍ଗନୱାଡି ସୁପରଭାଇଜର ପ୍ରମୁଖ ଉପସ୍ଥିତ ଥିଲେ।

# ସଂଗ୍ରାମୀ ଗୌରଚନ୍ଦ୍ରଙ୍କୁ ଶ୍ରଦ୍ଧାଞ୍ଜଳି

**ଭଦ୍ରକ ଅଫିସ, ୨୦।୯**



ସ୍ମୃତିସଭାରେ ଉପସ୍ଥିତ ଅତିଥିମାନେ।

ଭଦ୍ରକ ଚାରୁ ଓ କାରୁକଳା ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, ସଙ୍ଗଠକ ଓ ଶତାୟୁ ପୁରୁଷ ସ୍ୱର୍ଗତ ଗୌରଚନ୍ଦ୍ର ମହାପାତ୍ରଙ୍କ ବିୟୋଗରେ ମହାବିଦ୍ୟାଳୟ ପରିସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ମଳୟ କୁମାର ଜେନା ସଭାପତିତ୍ୱ କରିଥିଲେ। ଅଧ୍ୟକ୍ଷ ମନୋଜ କୁମାର ଭଟ୍ଟାଚାର୍ଯ୍ୟ ସ୍ୱର୍ଗତ ମହାପାତ୍ରଙ୍କ କର୍ମମୟ ଜୀବନ ଏବଂ ଚାରୁ ଓ କାରୁକଳା ମହାବିଦ୍ୟାଳୟ ପ୍ରତିଷ୍ଠାରେ ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଚିତ୍ରଶିଳ୍ପୀ ରତିକାନ୍ତ ଦାଶ ମୁଖ୍ୟଅତିଥି, ଶିଳ୍ପୀ ଶରତ ମୁଦୁଲି, ସାମାଜିକ କର୍ମୀ ଇଂ. ଫାରହତ୍ ଆଲ୍ଲାମ ଖାନ୍, ଲକ୍ଷ୍ମୀକାନ୍ତ ଦାଶ, ଅଧ୍ୟାପକ ଅଶ୍ୱିନୀ କୁମାର ପଣ୍ଡା, ରାମଚନ୍ଦ୍ର ଦାସ, ପ୍ରଶିକ୍ଷକ ଜୟନ୍ତ କୁମାର ନାୟକ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନୁଷ୍ଠାନ ତରଫରୁ ଗୌରଚନ୍ଦ୍ର ମହାପାତ୍ରଙ୍କ ଏକ ତୈଳଚିତ୍ର ଓ ଏକ ଆବକ୍ଷ ଭାସ୍କର୍ଯ୍ୟ ମୂର୍ତ୍ତି ନିର୍ମାଣ କରାଯିବା ପାଇଁ ସ୍ଥିର ହୋଇଥିଲା।

## ମେଡିକାଲ କଲେଜ ଦାବିରେ ଶୋଭାଯାତ୍ରା

**ତିହିଡ଼ି,୨୦।୯(ଡି.ଏନ.ଏ.)**



ତିହିଡ଼ି ବଜାରରେ ଶୋଭାଯାତ୍ରା।

ଭଦ୍ରକରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଆନ୍ଦୋଳନ ତୀବ୍ର ହେଉଛି। ଏହି ଦାବି ନେଇ ବିଭିନ୍ନ ମହଲରୁ ଶୋଭାଯାତ୍ରା କରାଯାଉଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ତିହିଡ଼ି ବ୍ଲକର ବିଭିନ୍ନ ସଙ୍ଗଠନ ଶୋଭାଯାତ୍ରାରେ ଯାଇ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜୀବନଜ୍ୟୋତି ସେବା ସଙ୍ଗଠନ, ତିହିଡ଼ି ଯୁବମଞ୍ଚ, ଗୋପବନ୍ଧୁ ସେବା ସଂଘ, ଜାଗ୍ରତ ସେନା, ପିଜି ଫାଉଣ୍ଡେଶନ ପ୍ରମୁଖ ସଙ୍ଗଠନର କର୍ମକର୍ତ୍ତାମାନେ ବ୍ଲକ କାର୍ଯ୍ୟାଳୟଠାରୁ ଶୋଭାଯାତ୍ରାରେ ବାହାରି ତିହିଡ଼ି ବଜାର ପରିକ୍ରମା କରିଥିଲେ। ଏହାପରେ ସେମାନେ ତହସିଲ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ସେଠାରେ ଯୁବମଞ୍ଚର ଉପଦେଷ୍ଟା ସଚିକାନ୍ତ ନାୟକଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଗ୍ରାମୀ ସେନାର ଆବାହକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ପ୍ରତାପ ଜେନା, ବିଷ୍ଣୁ ଦାଶ, ସୁଧାକର ରାଉତ, ହରେକୃଷ୍ଣ ନାୟକ, କୈଳାସ ବେହେରା, ସତ୍ୟସୁନ୍ଦର ପତି, ରାଜୀବ ନାୟକ, ଖଗେଶ୍ୱର ତ୍ରିପାଠୀ, ଧୀରେନ୍ଦ୍ର ସାହୁ, କ୍ଷମାମୟ ପାଣ୍ଡବ, ସୁଶାନ୍ତ ନାୟକ, ନିର୍ମଳ ଦଳେଇ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରାଯାଇଥିଲା।

# ବଦଳୁନି ଜିରିଣା-ଆଡ଼ିଆ ରାସ୍ତା ଭାଗ୍ୟ

**ବନ୍ତ,୨୦।୯(ସ୍ୱ.ପ୍ର.)**


ଜିରିଣା-ଆଡ଼ିଆ ରାସ୍ତାର ଦୁରବସ୍ଥା।

ଭଦ୍ରକ ଜିଲା ବନ୍ତ ବ୍ଲକ ଆଡ଼ିଆ ପଞ୍ଚାୟତର ଜିରିଣା-ଆଡ଼ିଆ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଅନେକ ସମୟରେ ଏହି ୨ କି.ମି. ରାସ୍ତା କାଦୁଅ ପଚପଚ ହୋଇ ରହୁଛି। କୌଣସି କାମରେ ଯିବା ପାଇଁ ୨ କି.ମି. ବଦଳରେ ୯ କି.ମି. ବୁଲି ଯିବାକୁ ପଡ଼େ। ବର୍ଷାଦିନେ ପଞ୍ଚାୟତ ସଦର ମହକୁମାକୁ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ। ଖାଉଟି ସାମଗ୍ରୀ ପାଇଁ ହେଉ କିମ୍ବା ଭତ୍ତା ଆଣିବା ଲାଗି ହିତାଧିକାରୀମାନେ ଯିବା ପାଇଁ ହଇରାଣ ହେଉଛନ୍ତି। ଏ ସମ୍ପର୍କରେ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରାଗଲେ ମଧ୍ୟ କୌଣସି ସୁଫଳ ମିଳୁ ନାହିଁ। ଏହି ରାସ୍ତାର ଭାଗ୍ୟ ବଦଳୁ ନାହିଁ।

ଆଡ଼ିଆ ସମେତ ଜିରିଣା, ବରଗଡିଆ, ନିମଗଡିଆ ଗ୍ରାମର ୨ହଜାରରୁ ଉର୍ଦ୍ଧ୍ୱ ଲୋକେ ଯାତାୟାତ ପାଇଁ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ପଞ୍ଚାୟତ ସଦର ମହକୁମାଠାରେ ଥିବା ଏକମାତ୍ର ଉଚ୍ଚ ବିଦ୍ୟାଳୟକୁ ଏହି ଗ୍ରାମଗୁଡ଼ିକରୁ ୫୦ରୁ ଅଧିକ ଛାତ୍ରୀଛାତ୍ର କାଦୁଅ ରାସ୍ତାରେ ଯିବାଆସିବା କରିଥାନ୍ତି। ୨୦୦୪-୦୫ରେ ଏହି ଅଣଓସାରିଆ ସଂକୀର୍ଣ୍ଣ ମାଟିରାସ୍ତା ନିର୍ମାଣ ହୋଇଥିଲା। ତା'ପରଠାରୁ ଅଦ୍ୟାବଧି ଏହି ରାସ୍ତାରେ ମୋରମ ମୁଠାଏ ମଧ୍ୟ ପଡ଼ି ନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ନିର୍ବାଚନ ବେଳେ ନେତା ମନ୍ତ୍ରୀ ରାସ୍ତା ନିର୍ମାଣ ଓ ମରାମତି ପାଇଁ ପ୍ରତିଶ୍ରୁତି ଦେଇ ପରେ ଭୁଲିଯାଉଛନ୍ତି ବୋଲି ଅଞ୍ଚଳର କେତେକ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି। ୨ କି.ମି. ଲମ୍ବା ରାସ୍ତା ପଞ୍ଚାୟତ ପାଣ୍ଠିରେ ଏକକାଳୀନ ନିର୍ମାଣ ସମ୍ଭବ ହୋଇପାରୁ ନାହିଁ ବୋଲି ପଞ୍ଚାୟତ ପ୍ରତିନିଧିମାନେ କହୁଛନ୍ତି। ଏହାକୁ ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାରେ ସଂଲଗ୍ନ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଆସନ୍ତା ଡିସେମ୍ବରରେ ଏହି ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାରେ ଟେଣ୍ଡର ହେବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ରାସ୍ତାର ଦୁରବସ୍ଥା ପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଓ ଲୋକପ୍ରତିନିଧିମାନେ ଦୃଷ୍ଟି ଦେଇ ଭଲ ରାସ୍ତା ନିର୍ମାଣ ଲାଗି ପଦକ୍ଷେପ ନେବାକୁ ୪ଟି ଗ୍ରାମର ଲୋକେ ଦାବି ଜଣାଇଛନ୍ତି।

# ଉତ୍ତର ବାଲେଶ୍ୱରରେ ଝଡ଼ବର୍ଷା

- ବହୁ ଅଞ୍ଚଳ ଜଳାର୍ଣ୍ଣବ, ବ୍ୟାପକ କ୍ଷୟକ୍ଷତି, ଜୀବନଯାତ୍ରା ବ୍ୟାହତ
- ଭୋଗରାଇ ଅଞ୍ଚଳରେ ବିପନ୍ନଙ୍କୁ ଆଶ୍ରୟସ୍ଥଳକୁ ନିଆଗଲା
- ତୁହାକୁ ତୁହା ବର୍ଷା ସାଙ୍ଗକୁ ସମୁଦ୍ରକୂଳରେ ଜୁଆରମାଡ଼
- ଦୀଘା, ଉଦୟପୁର, ତାଳସାରୀ, ଡଗରା ବେଳାଭୂମିରେ ସତର୍କ ସୂଚନା

ଭୋଗରାଇ, ୨୦।୯(ଡି.ଏନ.ଏ.)

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଘନୀଭୂତ ହୋଇ ବାତ୍ୟା ରୂପ ନେଇଛି। ଏହାର ପ୍ରଭାବରେ ଉତ୍ତର ବାଲେଶ୍ୱରରେ ଗୁରୁବାର ଅପରାହ୍ନରୁ ଅବିଶ୍ରାନ୍ତ ବର୍ଷା ଲାଗି ରହିଛି। ଭୋଗରାଇର ଉପକୂଳବର୍ତ୍ତୀ ଖାଲୁଆ ଅଞ୍ଚଳ ଜଳାର୍ଣ୍ଣବ ହୋଇପଡିଛି। ଦୁଇ ଦିନ ଧରି ବର୍ଷା ଲାଗି ରହିଥିବାରୁ ଜୀବନଯାତ୍ରା ପ୍ରଭାବିତ ହୋଇଛି। ସମୁଦ୍ର ଅଶାନ୍ତ ଥିବା ବେଳେ ପବନର ବେଗ ବୃଦ୍ଧି ଅଞ୍ଚଳବାସୀ ଆଶଙ୍କିତ କରିଛି। ଜଳମଗ୍ନ ହୋଇପଡିଥିବା ଖାଲୁଆ ଅଞ୍ଚଳରୁ ବିପନ୍ନଙ୍କୁ ପ୍ରଶାସନ ଉଦ୍ଧାର କରି ଅସ୍ଥାୟୀ ଆଶ୍ରୟସ୍ଥଳୀରେ ରଖିଥିବା ସୂଚନା ମିଳିଛି। ଝଡ଼ବର୍ଷା ଯୋଗୁ ବିଭିନ୍ନ ସ୍ଥାନରେ ଅନେକ ନଡ଼ାଛପର ଘର ଭାଙ୍ଗିରୁଜି ଯାଇଥିବା ଖବର ମିଳିଛି। ସତର୍କତା ବ୍ୟବସ୍ଥା ସ୍ୱରୂପ ଦୀଘା, ମନ୍ଦାରମଣୀ, ଶଙ୍କରପୁର, ଉଦୟପୁର, ତାଳସାରୀ, ଡଗରା ବେଳାଭୂମି ନିକଟ ସମୁଦ୍ରକୁ ନ ଯିବା ସକାଶେ ପର୍ଯ୍ୟଟକମାନଙ୍କୁ ତାଗିଦ୍ କରାଯାଇଛି।

ଭୋଗରାଇରେ ଗୁରୁବାର ସକାଳ ୮ଟା ସୁଦ୍ଧା ୧୨୫.୨ମି.ମି. ସର୍ବାଧିକ ବର୍ଷା ହୋଇଥିବା ବେଳେ ବାଲିଆପାଳରେ ୧୧୪ମି.ମି., ବସ୍ତାରେ ୫୧ମି.ମି., ଜଳେଶ୍ୱରରେ ୪୪ମି.ମି. ବର୍ଷା ହୋଇଥିବାର ରେକର୍ଡ଼ କରାଯାଇଛି। ଭୋଗରାଇ ସମେତ ଉତ୍ତରବାଲେଶ୍ୱରର ବହୁ ତଳିଆ ଗ୍ରାମଗୁଡ଼ିକରେ ବର୍ଷା ପାଣି ଲହଡ଼ି ଭାଙ୍ଗୁଥିବା ବେଳେ ନଡ଼ା ଛପର ମାଟିକାନ୍ଥ ବର୍ଷା ମାଡ଼ ଖାଇ ଭୁଶୁଡ଼ି ପଡ଼ିଛି। ଭୋଗରାଇର ଝାଡ଼ସିମୁଳିଆ ଗ୍ରାମର ରାଧାଶ୍ୟାମ ଦେ, ସୁବୋଧ ନାୟକ, ସନ୍ଧ୍ୟାରାଣୀ ପାତ୍ର, ରବୀନ୍ଦ୍ର ମହାନ୍ତି, ରାଇପୁର ଗ୍ରାମର ବିନୟ ବେଜ, ରବୀନ୍ଦ୍ର ତୋଳାଙ୍କ ମାଟି କାନ୍ଥ ଘର ଭୁଶୁଡ଼ି ପଡ଼ିଛି। ଏହି ନିରାଶ୍ରୟ ପରିବାରଙ୍କୁ ଝାଡ଼ସିମୁଳିଆ ପ୍ରାଥମିକ ବିଦ୍ୟାଳୟରେ ଆଶ୍ରୟ ଦିଆଯାଇ ମାଗଣା ଖାଦ୍ୟ ଯୋଗାଇ ଦିଆଯାଉଛି। ସହୋରିଆ ପଞ୍ଚାୟତର ସମିତି ସଦସ୍ୟ ଈଶାନ ଗିରି, ସରପଞ୍ଚ ରେଣୁକା ମଣ୍ଡଳ ଓ ପୁରୁଷୋତ୍ତମପୁର ସେବା ସମବାୟ ସମିତିର ସଭାପତି ହରିହର ମଣ୍ଡଳ ବିପନ୍ନ ପରିବାରଙ୍କୁ ସହାୟତା ଯୋଗାଇଦେବା ପାଇଁ ପ୍ରଶାସନଠାରେ ଦାବି କରିଛନ୍ତି। ଝାଡ଼ସିମୁଳିଆ ଗ୍ରାମର ବିପନ୍ନଙ୍କୁ ପଲିଥିନ ଓ ମାଗଣା ଖାଦ୍ୟ ଦିଆଯାଉଛି ବୋଲି ବିଡ଼ିଓ ଦୀପ୍ତିରଞ୍ଜନ ସେଠୀ ଓ ବ୍ଲକ ଚେୟାରମ୍ୟାନ ମଞ୍ଜୁରାଣୀ ବେହେରା ସୂଚନା ଦେଇଛନ୍ତି।


ପ୍ରବଳ ବର୍ଷାରେ ସୋହରିଆ ପଞ୍ଚାୟତର ଝାଡ଼ସିମୁଳିଆ ଗ୍ରାମର ବିପନ୍ନ ପରିବାର।

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

## ସେଲ୍‌ଫି କର୍ନର


@ ସତ୍ୟ


@ ଟିପୋ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)


ବର୍ଷା ଯୋଗୁ ଔପଦା ରାସ୍ତାଘାଟ ଜଳମଗ୍ନ।

## ଔପଦା ବେହାଲ

ଔପଦା,୨୦।୯(ଡି.ଏନ.ଏ.)

ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ଔପଦା ବ୍ଲକର ବିଭିନ୍ନ ସ୍ଥାନରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ତୁହାକୁ ତୁହା ବର୍ଷା ସହ ପବନ ବହିବା ଦ୍ୱାରା ଘନ ଘନ ବିଦ୍ୟୁତ୍ ସେବା ବ୍ୟାହତ ହେଉଛି। ରାସ୍ତାଘାଟ ଜଳମଗ୍ନ ହେବା ସହ ଔପଦା ହାଟ ଭିତରେ ଜଳ ନିଷ୍କାସିତ ହୋଇ ନ ପାରି ବନ୍ୟା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଔପଦା ବଜାର ପ୍ରାୟ ଜନଶୂନ୍ୟ ହୋଇପଡ଼ିଛି। କାଁ ଭାଁ ଗାଡ଼ିମୋଟର ଚାଲୁଛି।

## ସଂଖ୍ୟାଲଘୁ ସେଲ୍‌ର ନୂତନ କର୍ମକର୍ତ୍ତା

ବାଲେଶ୍ୱର ଅଫିସ, ୨୦।୯

ବାଲେଶ୍ୱର ଟାଉନ ବିଜୁ ଜନତା ଦଳ ସଂଖ୍ୟାଲଘୁ ସେଲର କମିଟି ଘୋଷଣା କରାଯାଇଛି। କମିଟିର ସଭାପତି ସଲିମ ରାଜା ଏହି କମିଟି ଘୋଷଣା କରିଛନ୍ତି। କମିଟିରେ ୮ ଜଣ ଉପସଭାପତି, ୮ ଜଣ ସାଧାରଣ ସମ୍ପାଦକ ଓ ୧୧ ଜଣ ସମ୍ପାଦକ ଅଛନ୍ତି। ବାଲେଶ୍ୱର ଏମ୍‌ପି ତଥା ଜିଲା ବିଜେଡ଼ି ସଭାପତି ରବୀନ୍ଦ୍ର ଜେନା, ସଦର ବିଧାୟକ ଜୀବନପ୍ରଦୀପ ଦାଶଙ୍କ ପରାମର୍ଶକ୍ରମେ ବାଲେଶ୍ୱର ଜିଲା ବିଜେଡି ସଂଖ୍ୟାଲଘୁ ସେଲ ସଭାପତି ସେକ ଉମରଉଦ୍ଦିନଙ୍କ ଅନୁମୋଦନରେ କମିଟି ଘୋଷଣା କରାଯାଇଛି।

ନୂତନ ଉପସଭାପତି ଭାବେ ବାଲେଶ୍ୱର ପୌରପରିଷଦ ୭ନଂ. ୱାର୍ଡ଼ର କାଉନସିଲର ସାକିର ଖାନଙ୍କୁ ନିଯୁକ୍ତି ମିଳିଥିବା ବେଳେ ଅନ୍ୟତମ ଉପସଭାପତି ଭାବେ ସେକ କୌସର ଅଲ୍ଲି, ସେକ ମୁଜାବିର ରେହେମାନ, ସୁପ୍ରକାଶ ସାହା, ନାହିଦ ଅନଜୁନ, ସେକ ଆନଜାରୁଦ୍ଦିନ, ହାପିଜ ଖାନ, ବିକାଶ କୁମାର ବେରାଙ୍କୁ ନିଯୁକ୍ତ ମିଳିଛି। ସେହିପରି ସାଧାରଣ ସମ୍ପାଦକ ଭାବେ ଶୈଳେନ୍ଦ୍ର ସିଂ, ମହମ୍ମଦ ମୁକ୍ତାର ଅହମ୍ମଦ, ସେକ ଦିଲଦାର ହୁସେନ, ସେକ ସାମୁରଦ୍ଦିନ, ସୁଦିପ୍ତ ରଞ୍ଜନ ପିଟର, ସେକ ନାସରୁଦ ଅଲ୍ଲି, ସେକ ସାକିର ମହମ୍ମଦ, ବଳିଆର ସିଂଙ୍କୁ ନିଯୁକ୍ତ ମିଳିଛି ଏବଂ ସମ୍ପାଦକ ଭାବେ ସେକ ସଲିମ, ସେକ ନାସିରୁଦ୍ଦିନ, ସେକ ମଞ୍ଜର ଅଲ୍ଲି, ଅଜୟ ଦାସ, ମହମଦ ଫିଆଜୁଦ୍ଦିନ ଖାନ, ସେକ ହାଇଦର, ସେକ ସାହାଜାନ, ସେକ ଫାୟାଜ, ସେକ ଗଫର, ଇମତାଜ ଖାନ, ସେକ ଜାବେଦଙ୍କୁ ନିଯୁକ୍ତି ମିଳିଛି ବୋଲି ଏକ ପ୍ରେସ ବିବୃତ୍ତିରେ ବିଜେଡି ମିଡ଼ିଆ ସଂଯୋଜକ ଧିରେନ ନାୟକ ଜଣାଇଛନ୍ତି।

## ମହିଳାଙ୍କୁ ନିଶା ବଟିକା ଖୁଆଇ ପୋଖରୀକୁ ଫିଙ୍ଗି ହତ୍ୟା ଉଦ୍ୟମ ଅଭିଯୋଗ

ବାଲିଆପାଳ, ୨୦।୯(ଡି.ଏନ.ଏ.): ଜଣେ ମହିଳାଙ୍କୁ ନିଶା ବଟିକା ଖୁଆଇ ଅଚେତ ଅବସ୍ଥାରେ ମୁହଁ ହାତ ବାନ୍ଧି ପୋଖରୀକୁ ଫିଙ୍ଗି ବୁଧବାର ରାତିରେ ମାରିଦେବା ପାଇଁ ଉଦ୍ୟମ ହୋଇଥିବା ନେଇ ବାଲିଆପାଳ ଥାନାରେ ଅଭିଯୋଗ କରିଛନ୍ତି। ଗୁରୁତର ଅବସ୍ଥାରେ ଏହି ମହିଳାଙ୍କୁ ଉଦ୍ଧାର କରି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଯୌତୁକ ବାବଦକୁ ବାପଘରୁ ଏକ ରଙ୍ଗୀନ ଟିଭି ଆଣିବା ସକାଶେ ଶାଶୁଘର ଲୋକେ ଚାପ ପକାଇ ତାଙ୍କୁ ଏଭଳି ନିର୍ଯାତନା ଦେଇଥିବା ମହିଳାଙ୍କ ବାପା ଗୁରୁବାର ଥାନାକୁ ଯାଇ ଅଭିଯୋଗ କରିଛନ୍ତି। ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ବୁଧବାର ରାତିରେ ଜଣେ ପଡୋଶୀ ପୋଖରୀରେ ଏହି ମହିଳା ଭାସୁଥିବା ଦେଖି ତାଙ୍କୁ ଉଦ୍ଧାର କରିଥିଲେ। ପରେ ଅଚେତ ଅବସ୍ଥାରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଖବରପାଇ ମହିଳାଙ୍କ ବାପା ଗୁରୁବାର ସକାଳେ ଡାକ୍ତରଖାନାକୁ ଯାଇ ଘଟଣା ସମ୍ପର୍କରେ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ମହିଳାଙ୍କ ଶାଶୁଘର ଜଗତୀପୁର ପଞ୍ଚାୟତ ଅଞ୍ଚଳରେ। ତାଙ୍କ ଚେତା ଫେରିଲେ ତାଙ୍କ ଜମାନବନ୍ଦୀ ନିଆଯାଇ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବାଲିଆପାଳ ଆଇଆଇସି ପସ୍କଲ ଏକ୍କା କହିଛନ୍ତି।

## ୪ ଚୋରା ମଦ ବେପାରୀ ଗିରଫ

ନୀଳଗିରି,୨୦।୯ (ଡି.ଏନ.ଏ.): ନୀଳଗିରି ଅବକାରୀ ବିଭାଗ ସ୍ଥାନୀୟ ଉପଖଣ୍ଡ ଔପଦା ଥାନାର ବିଭିନ୍ନ ସ୍ଥାନରେ ବୁଧବାର ଚଢାଉ କରି ୪ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ସମୁଦାୟ ୪୧ ଲିଟର ମହୁଲି ମଦ ଜବତ କରାଯାଇଛି। ଏନେଇ ବିଭାଗରେ ପୃଥକ ମାମଲା (ନଂ.୫୯/୧୮, ୬୦/୧୮, ୬୧/୧୮ ଓ ୬୨।୧୮) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଯାଇଛି। ସେମାନେ ହେଲେ ପିତବାସ ଦାସ , ସୁଦର୍ଶନ ସିଂ, ଭାସ୍କର ବେହେରା ଏବଂ ରୁଜାଲି ଘଡ଼େଇ।

## ବାଲେଶ୍ୱର ଟାଉନ ବିଜେଡି ମହିଳା କମିଟି ବୈଠକ

ବାଲେଶ୍ୱର ଅଫିସ, ୨୦।୯

ବାଲେଶ୍ୱର ପୌରପରିଷଦ ୨୮ନଂ. ୱାର୍ଡ଼ରେ ବାଲେଶ୍ୱର ଟାଉନ ବିଜୁ ମହିଳା ଜନତା ଦଳର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଟାଉନ ମହିଳା ସଭାପତି ରଞ୍ଜିତା ମହାପାତ୍ରଙ୍କ ସଭାପତିତ୍ୱରେ ପୌରାଧ୍ୟକ୍ଷ ଆଲୋକ କୁମାର ସାହୁ ଯୋଗଦେଇ ବାଲେଶ୍ୱର ସହରରେ ବିଜେଡ଼ି ମହିଳା ସଙ୍ଗଠନକୁ କିପରି ଅଧିକରୁ ଅଧିକ ସଙ୍ଗଠିତ କରିହେବ ସେନେଇ ବକ୍ତବ୍ୟ ଦେଇଥିଲେ। ବିଜେଡ଼ି ନେତା ଆଶିଷ ଘୋଷ ବିଜୁ ଜନତା ଦଳରେ ମହିଳା ସଙ୍ଗଠନର କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ। ସଦର ମିଡ଼ିଆ ସେଲ୍ ମୁଖ୍ୟ ଧୀରେନ ନାୟକ ଯୋଗଦେଇ ଆସନ୍ତା ମହିଳା ସମାବେଶର ଆଭିମୁଖ୍ୟ ବିଷୟରେ ଆଲୋଚନା କରିଥିବା ବେଳେ ୨୮ନଂ. ୱାର୍ଡ଼ କାଉନସିଲର ତଥା ଟାଉନ ବିଜେଡ଼ି ମହିଳା ଦଳର ସାଧାରଣ ସମ୍ପାଦିକା ଇତିକୃଷ୍ଣା ସ୍ୱାଇଁ ନିଜ ୱାର୍ଡ଼ରେ ମହିଳା ସଙ୍ଗଠନର କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। ବୈଠକରେ ଟାଉନ ବିଜେଡ଼ି ମହିଳା ଦଳର ସାଧାରଣ ସମ୍ପାଦିକା ମୋନାଲିସା ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ୨୮ନଂ ୱାର୍ଡ଼ ବିଜେଡ଼ି ମହିଳା ଦଳ ସଭାପତି ଜୟଶ୍ରୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ।


ବୈଠକରେ ଅତିଥି ଏବଂ ମହିଳା କର୍ମୀ।

## ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ବାଲିଆପାଳ, ୨୦।୯(ଡି.ଏନ.ଏ.)

ହାଇକୋର୍ଟ ବାର୍ ଆସୋସିଏଶନର ଓକିଲମାନଙ୍କୁ ସମର୍ଥନ ଜଣାଇ ବାଲିଆପାଳ ତହସିଲ ଅଫିସର ଓକିଲମାନେ ଗୁରୁବାର ଦିନିକିଆ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଥିଲେ। ଫଳରେ ଆଫିଡେଭିଟ ସମେତ ତହସିଲର ଅନେକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ତହସିଲ ଓକିଲ ସଂଘ ସଭାପତି ରାଧାଗୋବିନ୍ଦ ବେହେରାଙ୍କ ନେତୃତ୍ୱରେ ଆନନ୍ଦ କୁମାର ପାଳ, ପ୍ରଭାତ କୁମାର ସାହୁ, ସଞ୍ଜୟ କୁମାର ପରିଡା, ଅର୍ଦ୍ଧେନ୍ଦୁ ବାରିକ, ବାଦଲ ଚନ୍ଦ୍ର ବେହେରା, କାର୍ତ୍ତିକ ଚନ୍ଦ୍ର ପାତ୍ର, ଦିଲୀପ କୁମାର ସେଠୀ ପ୍ରମୁଖ ଓକିଲମାନେ ଏହି କାର୍ଯ୍ୟ ବନ୍ଦ ଆନ୍ଦୋଳନରେ ସାମିଲ ହୋଇଥିଲେ।

## ମହିଳାଙ୍କ ଆତ୍ମହତ୍ୟା

ବସ୍ତା,୨୦।୯(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ସିଂଲା ଥାନା ଅନ୍ତର୍ଗତ ନାବରା ପଞ୍ଚାୟତ ଜମାଳପୁର ଗାଁର ଜ୍ୟୋତିରେଖା ନାମ୍ନୀ ଜଣେ ମହିଳା ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ମୃତଦେହ ପାଇଖାନା ଭିତରୁ ଉଦ୍ଧାର କରାଯାଇଥିଲା। ମୃତ ମହିଳାଙ୍କ ବାପା ବାଲିଆପାଳ ଥାନା ମହିଷାମୁଣ୍ଡା ଗ୍ରାମର ବାବୁଧର ମଣ୍ଡଳଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ (ନଂ.୧୮୧/୧୮) ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ପାଣିରେ ବୁଡ଼ିଗଲେ ଦୁଇ ଭାଇ
## ଜଣେ ମୃତ, ଜଣେ ଗୁରୁତର

ବାଲିଆପାଳ, ୨୦।୯(ଡି.ଏନ.ଏ.)

ବାଲିଆପାଳ ଥାନା ଅନର୍ଗତ ଜାମକୁଣ୍ଡା ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ପୋଖରୀକୁ ଗାଧୋଇବାକୁ ଯାଇଥିବା ଦୁଇ ଭାଇଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଥିବା ଆଉ ଜଣଙ୍କ ଅବସ୍ଥା ଗୁରୁତର ରହିଛି।

ଜାମକୁଣ୍ଡା ଗ୍ରାମର ଭବେଶ ବେହେରା ଓ ତପନ ବେହେରା ଦୁଇ ଭାଇଙ୍କର ଦୁଇ ପୁଅ ସମୟ ରଞ୍ଜନ (୭) ଏବଂ ଆୟୁଷ (୬) ସ୍ଥାନୀୟ ଜାମକୁଣ୍ଡା ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ପାଠ ପଢନ୍ତି। ଗୁରୁବାର ସେମାନେ ସ୍କୁଲରୁ ଆସି ଘର ପାଖ ପୋଖରୀରେ ଗାଧୋଉଥିଲେ। ଉଭୟଙ୍କର ଗୋଡ ଖସିଯିବାରୁ ଗଭୀର ଜଳରେ ବୁଡ଼ିଯାଇଥିଲେ। ପାଣି ଭିତରେ ଦୁଇଜଣ ଉବୁଟୁବୁ ହେଉଥିବା ବେଳେ ରାସ୍ତାରେ ଯାଉଥିବା କେତେକ ଲୋକ ସେମାନଙ୍କୁ ଦେଖି ଉଦ୍ଧାର କରିଥିଲେ। ଗୁରୁତର ଅବସ୍ଥାରେ ଦୁଇ ଜଣଙ୍କୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଡାକ୍ତର କାଶୀନାଥ ପଣ୍ଡା ବଡ ଭାଇ ସମୟ ରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ। ସାନ ଭାଇ ଆୟୁଷଙ୍କୁ ଅଧିକ ଚିକିତ୍ସା ପାଇଁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବର ପାଇ ଜିଲାପରିଷଦ ସଦସ୍ୟ ରବୀନ୍ଦ୍ରନାଥ ଅଣ୍ଡିଆ ଏବଂ ଅନେକ ନେତା ଡାକ୍ତରଖାନାରେ ପହଞ୍ଚିଥିଲେ।

## ଗୋରୁଗାଡ଼ି ଜବତ, ଡ୍ରାଇଭର ଗିରଫ

ଖଇରା, ୨୦।୯(ଡି.ଏନ.ଏ.)

ଗୁରୁବାର ବେଆଇନ ଭାବେ ଚାଲାଣ ହେଉଥିବା ଏକ ଗୋରୁ ବେପେଇ ଗାଡିକୁ ସୋର କୁପାରୀ ରାସ୍ତାର ବ୍ରାହ୍ମଣ ପୋଖରୀ ଛକ ନିକଟରେ ତୁଟୋ ଗ୍ରାମର କମଳାକାନ୍ତ ମହାନ୍ତ ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ଅଟକାଇ ଖଇରା ପୋଲିସକୁ ଖବର ଦେଇଥିଲେ। ପୋଲିସ ଏକ ମାମଲା (ନଂ.୨୩୩/୧୮) ରୁଜୁ କରି ଟାଟା ଏସିଇ(ନଂ.ଓଡି-୦୧କେ-୯୮୯୨)କୁ ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଡ୍ରାଇଭର ହେଲେ ବାଉନ ସାହା ଓ ଘର ଡଗରପଡା ଅଞ୍ଚଳରେ।

ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣା

## ହତ୍ୟା ଅଭିଯୋଗ ଆଣିଲେ ମାମୁ

ଔପଦା, ୨୦।୯(ଡି.ଏନ.ଏ.)- ବାଲେଶ୍ୱର ଜିଲା ଔପଦା ଥାନାର ରାଏରାମଚନ୍ଦ୍ରପୁର ପଞ୍ଚାୟତ କେତିକଝୁରି ଗ୍ରାମର ମହିଷଡ଼ାଳି ଜଙ୍ଗଲର ଏକ ଗଛରୁ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିଲା। ମୃତକ ହେଲେ ବଙ୍ଗାଳି ଦଣ୍ଡପାଟ (୨୮)। ହେଲେ ତାଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ମାମୁ ପ୍ରଦୀପ ନାଇକ ଔପଦା ଥାନାରେ ଅଭିଯୋଗ କରିଛନ୍ତି। ମୃତ ବଙ୍ଗାଳିଙ୍କ ଘର ମୟୂରଭଞ୍ଜ ଜିଲା କପ୍ତିପଦା ଥାନାର ପୋଡ଼ିଡ଼ିହା ଅଞ୍ଚଳରେ। ସେ ତାଙ୍କ ମାମୁ ଘରେ ରହିଆସୁଥିଲେ। ଘଟଣାର ପୂର୍ବ ସନ୍ଧ୍ୟାରୁ ସେ ନିଖୋଜ ଥିଲା। ମାମୁ ଘର ଲୋକେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ। ପରଦିନ ସକାଳୁ ବଙ୍ଗାଳିଙ୍କ ଝୁଲନ୍ତା ମୃତଦେହ ଗଛରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ଔପଦା ପୋଲିସ ବାଲେଶ୍ୱର ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ସୋର ଡାକ୍ତରଖାନା ପଠାଇଥିଲା। ତଦନ୍ତ ପ୍ରକ୍ରିୟା ଚାଲିଛି। ସାଇଣ୍ଟିଫିକ୍ ଟିମ୍‌ର ରିପୋର୍ଟ ସହ ଶବ ବ୍ୟବଚ୍ଛେଦ ରିପୋର୍ଟ ପରେ ସବୁ କଥା ଜଣାପଡ଼ିବ ବୋଲି ପୋଲିସ କହିଛି।

- ମାଖନପୁର-ଅନନ୍ତପୁର ରାସ୍ତା

## ଅସରାଏ ବର୍ଷା ହେଲେ ବଢ଼େ ଦୁର୍ଦ୍ଦଶା

ଖଇରା, ୨୦।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ମାଖନପୁର ପଞ୍ଚାୟତ କାଂଶବାଂଶ ନଦୀ କୂଳରେ ଅବସ୍ଥିତ ଅନନ୍ତପୁର ଗ୍ରାମର ବାସିନ୍ଦା ଦୁର୍ଦ୍ଦଶା ମଧ୍ୟରେ କାଳାତିପାତ କରୁଛନ୍ତି। ମାଖନପୁର ପଞ୍ଚାୟତ ଅଧୀନ ମାଖନପୁର-ଅନନ୍ତପୁର ରାସ୍ତା ଅବସ୍ଥା କଦର୍ଯ୍ୟ ହୋଇପଡିଥିବାରୁ ଏହି ଅଞ୍ଚଳବାସୀ ଯାତାୟାତ ଲାଗି ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ସ୍କୁଲ, କଲେଜ ଯିବାକୁ ଛାତ୍ରୀଛାତ୍ର ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋକେ ନିତିଦିନିଆ ତୁଡିଗଡିଆ ବଜାର ଓ ଖଇରା ବ୍ଲକ ସଦର ମହକୁମାକୁ କିପରି ଯିବେ ସେନେଇ ଚିନ୍ତାରେ ରହୁଛନ୍ତି। ୩ଶହ ଗ୍ରାମବାସୀ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ଗ୍ରୀଷ୍ମ ଋତୁରେ ଯେନତେନ ପ୍ରକାରେ କାମ ଚଳିଯାଏ। ହେଲେ ବର୍ଷାଋତୁ ଆସିଲେ ଲୋକଙ୍କ ମନରେ ଚିନ୍ତା ଘାରେ। ସାମାନ୍ୟ ବର୍ଷା ହେଲେ ରାସ୍ତା ଉପରେ ଆଣ୍ଠୁଏ ଆଣ୍ଠୁଏ ପାଣି ଜମୁଥିବାରୁ ଲୋକଙ୍କୁ ଗାଡି ମୋଟରରେ ଯିବା ଛାଡ ଚାଲି ଚାଲି ଯିବା କଷ୍ଟକର ହୋଇ ପଡେ। ଦେଢ କି.ମି.ରାସ୍ତା ଅତିକ୍ରମ କରିବାକୁ ଅଧଘଣ୍ଟାଏରୁ ଅଧିକ ଲାଗେ। ତୁରନ୍ତ ନିତିଦିନିଆ ରାସ୍ତାଟିଏ ପାଇଁ ଗ୍ରାମର ମହେନ୍ଦ୍ର ପଣ୍ଡା, ଦିଲୀପ କୁମାର ଦାଶ, ଭାବଗ୍ରାହୀ ପାଢୀ,ରାଜେନ୍ଦ୍ର ପାଢୀ, ମଧୁସୂଦନ ମିଶ୍ର, ନିରଞ୍ଜନ ପାଢୀ ପ୍ରମୁଖ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏ ସମ୍ପର୍କରେ ସରପଞ୍ଚ ସୁଦର୍ଶନ ସିଂଙ୍କ ମତାମତ ନେବାରେ ରାସ୍ତାର କିଛି ଅଂଶ ବ୍ୟକ୍ତିଗତ ଜମି ପଡୁଥିବାରୁ ରାସ୍ତା ନିର୍ମାଣରେ ବାଧାସୃଷ୍ଟି ହେଉଥିବା କହିଛନ୍ତି।


ଛାତ୍ରୀଛାତ୍ରମାନେ ପାଣିକାଦୁଅରେ ପଶି ଯାଉଛନ୍ତି।



ନିଜକୁ ଯିଏ ବିଶ୍ୱାସ କରେ ନାହିଁ, ସେ ପରମାତ୍ମାଙ୍କୁ ବା କିପରି ବିଶ୍ୱାସ କରିପାରିବ।
– ବ୍ୟାସଦେବ



## ସଂକ୍ଷେପରେ

### କାର୍‌କୁ ଧକ୍କା ଦେଲା ଟ୍ରକ୍ : ୩ ଗୁରୁତର

ବିଶୋଇ,୨୦।୯ : ବିଶୋଇ ଥାନା ଅନ୍ତର୍ଗତ ସ୍ଥାନୀୟ କଟାସ ଛକଠାରେ ଗୁରୁବାର ଏକ ଟ୍ରକ ଧକ୍କାରେ କାର୍‌ରେ ଯାଉଥିବା ୩ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଯଶିପୁର ଥାନା କାନଟିକଣା ଗ୍ରାମର ମିର୍ଜା ଟୁଡୁ (୩୫), ତାଙ୍କ ସ୍ତ୍ରୀ ପାୟ ଟୁଡୁ (୩୦) ଓ ପାୟଙ୍କ ସମ୍ପର୍କୀୟ ଭାଉଜ। ଏହି ୩ ଜଣ ନିଜ ଗ୍ରାମରୁ ବାରିପଦାକୁ ଏକ କାର ଯୋଗେ ଗୁରୁବାର ଯାଉଥିଲେ। ମାତ୍ର କଟାସ ଛକ ସ୍ଥିତ ୪୯ ନଂ ଜାତୀୟ ରାଜପଥରେ ବିପରୀତ ଦିଗରୁ ଆସିଥିବା ଏକ ଟ୍ରକ କାର୍‌ଟିକୁ ଧକ୍କା ଦେଇ ଫେରାର ହୋଇଯାଇଥିଲା । ଖବର ପାଇ ବିଶୋଇ ପୋଲିସ ପହଞ୍ଚି ଗୁରୁତରଙ୍କୁ ପ୍ରଥମେ ବିଶୋଇ ପ୍ରାଥମିକ ଚିକିତ୍ସାଳୟ ଓ ପରେ ବାରିପଦା ପିଆରଏମ ମେଡିକାଲ ପଠାଇଛି। ଏନେଇ ବିଶୋଇ ଥାନାରେ ଏକ ମାମଲା (ନଂ ୬୭/୧୮) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି।

### ଭୋଟର ସଚେତନତା କର୍ମଶାଳା

ଉଦଳା,୨୦।୯ (ଡି.ଏନ.ଏ.): ଉଦଳା ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା, ଯୁବ ରେଡକ୍ରସ୍ ମିଳିତ ସହଯୋଗରେ ଏକ ଭୋଟର ସଚେତନତା କର୍ମଶାଳା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଜ୍ୟୋତିରଞ୍ଜନ ଦାସଙ୍କ ଅଧକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ଆରଡିଏସ୍ ଡିଗ୍ରୀ ମହାବିଦ୍ୟାଳୟର ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ଦିଲ୍ଲୀପ କୁମାର ପ୍ରାମାଣିକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ନୂତନ ଭୋଟର ପଞ୍ଜୀକରଣ ପ୍ରକ୍ରିୟା, ଭୋଟରମାନଙ୍କର ରାଷ୍ଟ୍ର ଗଠନରେ ଦାୟିତ୍ୱବୋଧ ଆଦି ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ କହିଥିଲେ । ମୁଖ୍ୟବକ୍ତା ଭାବେ ଅଧାପକ ସୌମେନ୍ଦ୍ର କୁମାର ଦାଶ, ଅନ୍ୟତମ ଅତିଥି ଭାବେ ଅଧାପକ ଗିରିଶ ଚନ୍ଦ୍ର ପୁଥାଳ ପ୍ରମୁଖ ଯୋଗ ଦେଇ ଗଣତନ୍ତ୍ରରେ ଯୁବ ଭୋଟରଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି କର୍ମଶାଳାରେ ମହାବିଦ୍ୟାଳୟର ସମସ୍ତ ଶିକ୍ଷାର୍ଥୀ ଉପସ୍ଥିତ ଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମକୁ ଏନଏସଏସର ଅଧିକାରୀ ମାଗା ସିଂ, ଚୈତନ୍ୟ ପ୍ରସାଦ ମାଝୀ, ଯୁବ ରେଡକ୍ରସର କାଉନସେଲର ଡ. ଯତୀନ ମହାକୁଡ ପ୍ରମୁଖ ପରିଚାଳନା କରିଥିଲେ।

### 'ଯୁବ ଗୋଷ୍ଠୀଙ୍କ ଅନ୍ତର୍ନିହିତ ଗୁଣର ବିକାଶ କର'



ଖୁଣ୍ଟା,୨୦।୯(ଡି.ଏନ.ଏ.): ସ୍ଥାନୀୟ ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟ ସଭା ଗୃହରେ 'ମୁଁ ହିରୋ ମୁଁ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମର ନୋଡାଲ ଅଫିସର ପ୍ରମୋଦ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ବିଡ଼ିଓ ଦେବଦତ୍ତ ପଣ୍ଡା, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସିଦ୍ଧନାଥ ସରେନ, ମହାବିଦ୍ୟାଳୟ ଅଧାପିକା ହିରଣ୍ମୟୀ ଶତପଥୀ, କାର୍ଯ୍ୟକ୍ରମ ବ୍ଲକ ସଂଯୋଜକ ଅଶୋକ କୁମାର ଗନ୍ତାୟତ ପ୍ରମୁଖ ଉପସ୍ଥିତ ଥିଲେ। ଯୁବତୀଯୁବକଙ୍କ ଅନ୍ତର୍ନିହିତ ଗୁଣର ବିକାଶ ହେଲେ ହିଁ ଏକ ସୁସ୍ଥ ସମାଜ ଗଠନର ପରିକଳ୍ପନା କରିହେବ ବୋଲି ମୁଖ୍ୟ ଅତିଥି କହିଥିଲେ । ଏଥିରେ ଖୁଣ୍ଟା ବ୍ଲକ ଅଧୀନ ୧୪ ଗୋଟି ପଞ୍ଚାୟତର ବିଜୁ ଯୁବ ବାହିନୀର ସଦସ୍ୟଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

### ଇ ସୁବିଧା କାର୍ଡ ବଣ୍ଟନ

ବାରିପଦା,୨୦।୯: ଭାରତ ସରକାରଙ୍କ ଷ୍ଟାର୍ଟ ଅପ୍ ଇଣ୍ଡିଆ ଯୋଜନାରେ ଜାତୀୟ ହ୍ୟୁମାନ ରାଇଟସ କମିଟି ପକ୍ଷରୁ ବଡଯୋଡ ଗ୍ରାମପଞ୍ଚାୟତ ତୁଙ୍ଗାଧୁଆ ଗ୍ରାମରେ ଇ ସୁବିଧା କାର୍ଡ ବଣ୍ଟନ କରାଯାଇଛି। ବାରିପଦା ବ୍ଲକ ପ୍ରୋଜେକ୍ଟ ପବ୍ଲିକ ଇନଫରମେଶନ ଅଫିସର ଯଶୋଦା ମହାନ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ବଡଯୋଡ ସରପଞ୍ଚ ଅଶୋକ କୁମାର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଯୋଜନା ମାଧମରେ ସରକାରଙ୍କ ଜନହିତକାରୀ ଯୋଜନାର ସଠିକ ତଥ୍ୟ ଏବଂ ସଠିକ ମୂଲ୍ୟ କିପରି ପହଞ୍ଚା ଯାଇପାରିବ ସେ ନେଇ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅମିୟକାନ୍ତ ପଣ୍ଡା, ହରିହର ନାଏକ,ସଂୋଷ ନାଏକ,ସତ୍ୟ କୁମାର ନାଏକ,ଜଗବନ୍ଧୁ ଟିପିରିଆ ପ୍ରମୁଖ ଉପସ୍ଥିତ ଥିଲେ।

# ହତ୍ୟା ଅଭିଯୋଗକୁ ଗୁରୁତ୍ୱ ଦେଲାନି ପୋଲିସ

ବାରିପଦା ଅଫିସ,୨୦।୯

- ପୋଲରୁ ଖସି ଯୁବକଙ୍କ ମୃତ୍ୟୁ ଘଟଣା ନେଇ ବିବାଦୀୟ ସ୍ଥିତି
- ବ୍ୟବଚ୍ଛେଦ ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସୂଚନା ଦେଲା ପୋଲିସ
- ଅପମୃତ୍ୟୁ ମାମଲା ନେଇ ପ୍ରଶ୍ନ ଉଠାଇଲା ପରିବାର

ମୟୂରଭଞ୍ଜ ଜିଲା ବାରିପଦା ସହରସ୍ଥିତ ବାରୁଣି ପୋଲ ନିକଟରୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର ହୋଇଥିବା ସତ୍ୟବ୍ରତ ପାତ୍ର ନାମକ ଜଣେ ଯୁବକଙ୍କ ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ପୋଲ ଉପରୁ ଖସି ପଡିବାରୁ ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ କହୁଥିବା ବେଳେ ପରିବାର ଲୋକେ ଏଥିରେ ସନ୍ଦେହ ପ୍ରକାଶ କରି ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ସେମାନେ ଟାଉନ ଥାନାରେ ଏନେଇ ଲିଖିତ ଏତଲା ଦେଇଛନ୍ତି। ପୋଲିସ ଅଭିଯୋଗ ଅନୁଯାୟୀ, ହତ୍ୟା ମାମଲା ପରିବର୍ତ୍ତେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବାରୁ ଏହା ଘଟଣାକୁ ବିବାଦୀୟ ରୂପ ଦେଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ଥାନା ପକ୍ଷରୁ କୁହାଯାଇଛି। ପରିବାର ଲୋକେ ଏହାକୁ ସହଜରେ ଗ୍ରହଣ ନ କରି ପୋଲିସ ଜାଣିଶୁଣି ଘଟଣାକୁ ଚାପି ଦେବାକୁ ଉଦ୍ୟମ କରୁଥିବା ଦର୍ଶାଇଛନ୍ତି।

ମୃତ ଯୁବକ ସତ୍ୟବ୍ରତଙ୍କ ଘର ବାରିପଦା ସହରର ୧୨ ନମ୍ବର ୱାର୍ଡରେ। ଗତ ୧୭ ତାରିଖ ରାତିରେ ସେ ବାରୁଣି ପୋଲରୁ ଖସି ପଡିଥିବା ଏବଂ ତାଙ୍କୁ ପିଆରଏମ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିବା କେହି ଜଣେ ଫୋନ କରି ତାଙ୍କ ଭାଇ ସୁବ୍ରତଙ୍କୁ ଖବର ଦେଇଥିଲେ। ସେଠାରେ ସଙ୍ଗେ ସଙ୍ଗେ ଯାଇ ପହଞ୍ଚିବା ପରେ ସତ୍ୟବ୍ରତଙ୍କ ମୃତ୍ୟୁ ହୋଇଥିବା ସୁବ୍ରତ ଜାଣିବାକୁ ପାଇଥିଲେ। ସତ୍ୟବ୍ରତ ଭାରସାମ୍ୟ ହରାଇ ପୋଲ ତଳକୁ ଖସି ପଡିଥିଲେ ବୋଲି ସେଠାରେ ଉପସ୍ଥିତ ଜଣେ ଯୁବକ ପୋଲିସକୁ ବୟାନ ଦେଇଥିଲେ। ସେ ନିଜକୁ ସତ୍ୟବ୍ରତଙ୍କ ସାଙ୍ଗ ବୋଲି ସେଠାରେ ପରିଚୟ ଦେଇଥିଲେ। ପରେ କିନ୍ତୁ ଘଟଣାର ଜଣେ ପ୍ରତ୍ୟକ୍ଷଦର୍ଶୀ ସତ୍ୟବ୍ରତଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ପରିବାରଙ୍କୁ ସୂଚନା ଦେଇଥିଲେ। ଏହି ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ମୁତାବକ, ସତ୍ୟବ୍ରତ ଉକ୍ତ ରାତିରେ ବାରୁଣି ରାସ୍ତା ଦେଇ ଆସୁଥିବା ବେଳେ ଦୁଇଟି ବାଇକ୍‌ରେ ୬ ଜଣ ଯୁବକ ଆସି ତାଙ୍କୁ ଘେରିଯାଇ ଧମକଚମକ ଦେଇଥିଲେ। ସେ ଘଟଣାସ୍ଥଳକୁ ଯାଇ ଏ ସମ୍ପର୍କରେ ଗଣ୍ଡଗୋଳ କରୁଥିବା ଯୁବକଙ୍କୁ ପଚାରିବାରୁ ସେମାନେ ତାଙ୍କୁ ମଧ୍ୟ ଧମକଚମକ ଦେଇଥିଲେ। ଫଳରେ ସେ ଭୟଭୀତ ହୋଇଯାଇ ସେଠାରୁ ସଙ୍ଗେ ସଙ୍ଗେ ପଳାଇ ଯାଇଥିଲେ। ୧୮ ତାରିଖ ସକାଳେ ପୋଲ ତଳୁ ଯୁବକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯିବା ଘଟଣା ତାଙ୍କୁ ସନ୍ଦେହରେ ପକାଇଛି ବୋଲି ଉକ୍ତ ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପରିବାରବର୍ଗ ଥାନାକୁ ଯାଇ ଜଣାଇବାରୁ ପୋଲିସ ୨ ଯୁବକଙ୍କୁ ଥାନାକୁ ଆଣି ପଚରାଉଚୁରା କରିଥିଲା। ପରେ ଏହି ଯୁବକଦ୍ୱୟଙ୍କୁ ପୋଲିସ ଛାଡି ଦେଇଥିବାରୁ ପରିବାର ଲୋକେ ତଦନ୍ତ ପ୍ରକ୍ରିୟା ଓ ପୋଲିସର କାର୍ଯ୍ୟଦକ୍ଷତା ନେଇ ସନ୍ଦେହ ପ୍ରକଟ କରିଛନ୍ତି। ଏ ସମ୍ପର୍କରେ ବାରିପଦା ଟାଉନ ଥାନା ଅଧିକାରୀ ଅଶୋକ କୁମାର ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଏହି ଘଟଣା ସମ୍ପର୍କରେ ଅଧିକ ତଥ୍ୟ ଓ ପ୍ରମାଣ ପୋଲିସକୁ ମିଳିନାହିଁ। ଯେଉଁମାନଙ୍କ ନାଁରେ ପରିବାର ଲୋକେ ଅଭିଯୋଗ କରିଥିଲେ ପୋଲିସ ସେମାନଙ୍କୁ ପଚରାଉଚୁରା କରିସାରିଛି। ବ୍ୟବଚ୍ଛେଦ ରିପୋର୍ଟ ଅଦ୍ୟାବଧୀ ଆସିନାହିଁ। ରିପୋର୍ଟ ଆସିବା ପରେ ଯାହା ପଦକ୍ଷେପ ନିଆଯିବ ବୋଲି ଥାନା ଅଧିକାରୀ କହିଛନ୍ତି।



ସ୍ନାତକୋତ୍ତର ଅଧକ୍ଷାଙ୍କୁ ଦାବି ପତ୍ର ପ୍ରଦାନ କରାଯାଉଛି।

# ମୌଳିକ ଆବଶ୍ୟକତା ପୂରଣ ନ ହେଲେ ଆନ୍ଦୋଳନ

ବାରିପଦା ଅଫିସ,୨୦।୯

ବାରିପଦା ତକତପୁରସ୍ଥିତ ଉତ୍ତର ଓଡିଶା ବିଶ୍ୱ ବିଦ୍ୟାଳୟରେ ବିଭିନ୍ନ ମୌଳିକ ଆବଶ୍ୟକତା ପୂରଣ କରିବା ଲାଗି ଗୁରୁବାର ଛାତ୍ରୀଛାତ୍ରମାନେ ସ୍ନାତକୋତ୍ତର ଅଧକ୍ଷା ସସ୍ମିତା କରଙ୍କୁ ସାକ୍ଷାତ କରି ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ଛାତ୍ରନେତା ସନତ ଗୋପ ଓ ରଞ୍ଜନ କୁମାର ନାୟକଙ୍କ ନେତୃତ୍ୱରେ ଏକ ଛାତ୍ର ପ୍ରତିନିଧି ଦଳ ଏହି ଦାବି ପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଦାବି ମୁତାବକ ବିଶ୍ୱବିଦ୍ୟାଳୟରେ ଥିବା ଶୌଚାଳୟଗୁଡିକରେ ପାଣିର ବ୍ୟବସ୍ଥା ନ ଥିବା ବେଳେ ଏହାର ମରାମତି କରାଯାଉନାହିଁ। ସେହିପରି ସମସ୍ତ ଶ୍ରେଣୀ ଗୃହରେ ଲାଇଟ ଓ ଫ୍ୟାନ ବ୍ୟବସ୍ଥା ମଧ୍ୟ ନାହିଁ। ଏଣୁ ଆସନ୍ତା ୨୫ ତାରିଖ ସୁଦ୍ଧା ଏହି ସମସ୍ତ ବ୍ୟବସ୍ଥାକୁ ସୁଧାରିବା ପାଇଁ ସେମାନେ ଦାବି କରିଛନ୍ତି। ଏହି ମୌଳିକ ସୁବିଧାରୁ ଛାତ୍ରୀଛାତ୍ରଙ୍କୁ ବଞ୍ଚିତ କଲେ ବିଶ୍ୱବିଦ୍ୟାଳୟରେ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରି ବିଶ୍ୱବିଦ୍ୟାଳୟକୁଅଚଳକରିଦିଆଯିବବୋଲି ଲିଖିତ ଭାବେ ଦାବି ପତ୍ରରେ ଜଣାଇଛନ୍ତି।

■ ଖେଳନା କିଟ୍ ଦୁର୍ନୀତିର ତଦନ୍ତ ଦାବି

# ସିଡିପିଓ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ




ଅଙ୍ଗନୱାଡି କର୍ମୀମାନେ ବିକ୍ଷୋଭ ସମାବେଶରେ ଏକତ୍ରିତ ହୋଇଛନ୍ତି।

ବଡ଼ସାହି,୨୦।୯(ସ୍ୱ.ପ୍ର)

ବଡସାହି ବ୍ଲକ ଅଙ୍ଗନୱାଡି କେନ୍ଦ୍ରରେ ଖେଳନା କିଣା ଦୁର୍ନୀତିକୁ ନେଇ ଅଲ ଓଡିଶା ଅଙ୍ଗନୱାଡି ୱାର୍କର୍ସ ଆସୋସିଏସନ ପକ୍ଷରୁ ଗୁରୁବାର ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ସିଡିପିଓଙ୍କ ବଦଳି ଦାବି ନେଇ ବ୍ଲକ ଆସୋସିଏଶନର ସଭାପତି ପଦ୍ମଗନ୍ଧା ଦାସଙ୍କ ନେତୃତ୍ୱରେ କର୍ମୀମାନେ ଏକ ବିଶାଳ ରାଲିରେ ବଡ଼ସାହି ବଜାର ପରିକ୍ରମା କରିବା ସହ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ସିଡିପିଓ ଅଫିସ ସମ୍ମୁଖରେ ସ୍ଲୋଗାନ ଦେଇଛନ୍ତି। ଲଘୁଚାପ ଜନିତ ବର୍ଷା ସତ୍ତ୍ୱେ କର୍ମୀମାନେ ବର୍ଷାରେ ଭିଜିଭିଜି ରାଲିରେ ଯୋଗଦେଇଥିଲେ । ୧୫ଦିନ ମଧ୍ୟରେ ସିଡିପିଓଙ୍କ ବଦଳି ପାଇଁ ଏକ ଦାବିପତ୍ର ଆସୋସିଏସନ ପକ୍ଷରୁ ବଡସାହି ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଛି। ସରକାର ଏଥି ପ୍ରତି ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଅଫିସ ସମ୍ମୁଖରେ ସଂଘ ପକ୍ଷରୁ ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ମୟୂରଭଞ୍ଜ ଜିଲା ବଡ଼ସାହି ସମନ୍ୱିତ ମହିଳା ଓ ଶିଶୁ ବିକାଶ ଯୋଜନାରେ କିଟ୍ କିଣା ଦୁର୍ନୀତିକୁ ଲୁଚାଇବା ପାଇଁ ବ୍ଲକ ସ୍ତରରୁ ଜିଲା ସ୍ତର ଯାଏଁ ଅଧିକାରୀମାନେ ପ୍ରୟାସ ଆରମ୍ଭ କରିଛନ୍ତି । ଦୁର୍ନୀତିକୁ ଘୋଡାଇବା ପାଇଁ କେତେକ ଅଙ୍ଗନୱାଡି କର୍ମୀଙ୍କ ଠାରୁ ସାଦା କାଗଜରେ ଦସ୍ତଖତ ସଂଗ୍ରହ କରିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା । ଏହି ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ କରି ଏହାର ପର୍ଦ୍ଦାଫାଶ କରିବା ସହ ସିଡିପିଓଙ୍କ ବଦଳି କରିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି ।

### ପୋଲିସ ଅଧିକାରୀଙ୍କ ନାଁରେ ବିଦ୍ୟୁତ୍ ଚୋରି ଅଭିଯୋଗ

ବାରିପଦା ଅଫିସ,୨୦।୯

ମୟୂରଭଞ୍ଜ ଜିଲା ବାରିପଦା ସହରରେ ଜଣେ ଇନ୍ସପେକ୍ଟର ପାହ୍ୟାର ଅଧିକାରୀ ନିଜ ସରକାରୀ ବାସଭବନରେ ବିଦ୍ୟୁତ୍ ସଂଯୋଗ ନ ନେଇ ହୁକ ପକାଇଥିବା ଘଟଣା ନଜରକୁ ଆସିଛି। ଉକ୍ତ ଅଧିକାରୀଙ୍କ ଧମକଚମକ ପରେ ବିଦ୍ୟୁତ୍ ବିଭାଗ ଅଧିକାରୀ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଉଦ୍ୟମ କରି ବିଫଳ ହୋଇଛନ୍ତି। ବିଦ୍ୟୁତ୍ ବିଭାଗ ପକ୍ଷରୁ ଏନେଇ ଜିଲା ଏସ୍‌ପିଙ୍କୁ ଅବଗତ କରାଯାଇଥିବା ବେଳେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ବାରିପଦାସ୍ଥିତ ରିଜର୍ଭ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଜଣେ ଇନ୍ସପେକ୍ଟର ପାହ୍ୟାର ଅଧିକାରୀ ବିଭାଗୀୟ ସରକାରୀ ବାସ ଭବନରେ ବିଦ୍ୟୁତ୍ ଚୋରି କରି ବ୍ୟବହାର କରୁଛନ୍ତି। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ ଅଧିକାରୀ ଖବର ପାଇବା ପରେ ତଦନ୍ତ ପାଇଁ ଯାଇଥିଲେ। ହେଲେ ଉକ୍ତ ଅଧିକାରୀ ଜଣଙ୍କ ସେମାନଙ୍କୁ ଗିରଫ କରିବା ଧମକ ଚମକ ଦେଇ ଘଉଡାଇ ଦେଇଥିଲେ। ଏହାପରେ ଖୁଣ୍ଟରୁ ସଂଯୋଗ କଟାଯିବା ସତ୍ତ୍ୱେ ସେ ପୁନର୍ବାର ହୁକ ପକାଇଛନ୍ତି। ଏ ନେଇ ବାରିପଦା ବିଦ୍ୟୁତ୍ ବିଭାଗ ଏସଡିଓ ରୁଦ୍ର ପ୍ରସାଦ ରଥ ଚିଠି ନଂ ୪୬୧୯(୮/୧/୨୦୧୮)ରେ ଜିଲା ଏସ୍‌ପି ଏବଂ ସମ୍ପୃକ୍ତ ଇନ୍ସପେକ୍ଟର ପାହ୍ୟାର ଅଧିକାରୀଙ୍କୁ ଚିଠି ଯୋଗେ ଏ ସମ୍ପର୍କରେ ଅବଗତ କରାଇଥିଲେ। ଏସପିଙ୍କୁ ଜଣାଇବା ପରେ ମଧ୍ୟ କୌଣସି ଉତ୍ତର ଆସି ନ ଥିବା ଯୋଗୁ ବିଭାଗ କୌଣସି ପଦକ୍ଷେପ ନେଉନାହିଁ ବୋଲି କହିଛନ୍ତି ଏସଡିଓ ରୁଦ୍ର ପ୍ରସାଦ ରଥ। ଏ ସମ୍ପର୍କରେ ସମ୍ପୃକ୍ତ ଅଧିକାରୀଙ୍କ ମତାମତ ମିଳିପାରି ନ ଥିବା ବେଳେ ଏହାର ତଦନ୍ତ ନିଜେ କରିବେ ବୋଲି ଏସ୍‌ପି ଅବିନାଶ କୁମାର କହିଛନ୍ତି।

# ବଜ୍ରପାତରେ ଭୟାବହ ଅଗ୍ନିକାଣ୍ଡ

ମୋରଡା, ୨୦।୯

- ଗ୍ୟାସ ଟାଙ୍କି ଫାଟି ଛପର ଉଡିଗଲା, ଜଳିଗଲା ଘର
- ନିଆଁରେ ପୋଡି ଯାଇ ପରିବାରର ୩ ଗୁରୁତର
- ଜଳି ଗଲେ ୨୦ ମେଣ୍ଢା ଓ କୁକୁଡା

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ତୁଟାପଡା ପଞ୍ଚାୟତ ଅଧୀନ ଅସନଖାଲି ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ବଜ୍ରପାତ ଘଟି ଗୋଟିଏ ଘର ପୋଡି ଯାଇଛି। ଘରେ ଥିବା ଗ୍ୟାସ ଟାଙ୍କି ଫାଟି ଯିବାରୁ ଅଗ୍ନିକାଣ୍ଡ ଭୟାନକ ରୂପ ନେଇଥିଲା। ଏଥିରେ ପରିବାର ୩ ଜଣ ପୋଡି ଯାଇ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବାଲି ହେମ୍ବ୍ରମ (୭୦), ତାଙ୍କ ନାତି ହପନା ହେମ୍ବ୍ରମ(୧୦) ଓ ଝିଆରୀ ପୁଷ୍ପଲତା ମାରାଣ୍ଡି(୧୨)। ଏହି ଅଗ୍ନିକାଣ୍ଡରେ ଘରେ ଥିବା ପ୍ରାୟ ୨୦ ମେଣ୍ଢା ଓ କୁକୁଡାଙ୍କ ମୃତ୍ୟୁ ଘଟିଛି। ବୁଧବାର ବିଳମ୍ବିତ ରାତିରେ ଏହି ଅଞ୍ଚଳରେ ପ୍ରବଳ ଝଡବର୍ଷା ହୋଇଥିଲା। ଅସନଖାଲି ଗାଁରେ ବାଲି ହେମ୍ବ୍ରମ ତାଙ୍କ ନାତି, ଝିଆରିଙ୍କ ସହ ରୋଷେଇ ଘରେ ବସିଥିଲେ। ଅନ୍ୟ ସଦସ୍ୟ ଅନ୍ୟ ସେମାନଙ୍କ କୋଠରିରେ ଥିଲେ। ରାତି ପ୍ରାୟ ସାଢେ ୧୧ଟା ସମୟରେ ହଠାତ୍ ବଜ୍ରପାତ ଘଟି ନିଆଁ ଲାଗି ଯିବାରୁ ଗ୍ୟାସ ଟାଙ୍କିର ବିସ୍ଫୋରଣ ଘଟିଥିଲା। ଉକ୍ତ ଗ୍ୟାସ ଟାଙ୍କି ଘର ଚାଳ ଫଟାଇ ବହୁ ଉପରକୁ ଉଠି ଯାଇଥିଲା। ଏଭଳି ଭୟାନକ ଅଗ୍ନିକାଣ୍ଡ ଯୋଗୁ ବାଲିଙ୍କ ଶରୀରର ବହୁ ଅଂଶ ପୋଡ଼ି ଯାଇଥିବା ବେଳେ ତାଙ୍କ ନାତି ଓ ଝିଆରୀଙ୍କ ହାତ ଗୋଡ ପୋଡିଯାଇଛି । ଘରର ସମସ୍ତ ସଦସ୍ୟ ଓ ଗୃହପାଳିତ ପ୍ରାଣୀ ଏହି ନିଆଁ ଘେର ମଧ୍ୟରେ ରହିଯାଇଥିଲେ। ପଡୋଶୀମାନେ ପହଞ୍ଚି ପରିବାର ଲୋକଙ୍କୁ ଉଦ୍ଧାର କରି ଗୁରୁତର ଆହତଙ୍କୁ ଆମ୍ବୁଲାନ୍ସ ଯୋଗେ ବସ୍ତା ଡାକ୍ତରଖାନା ପଠାଇଥିଲେ। ନିଆଁ ନିୟନ୍ତ୍ରଣ କରିବା ସମ୍ଭବ ନ ହେବାରୁ ବାଲିଙ୍କ ଘରେ ଥିବା ୨୦ ମେଣ୍ଢା ଓ କୁକୁଡାଙ୍କ ମୃତ୍ୟୁ ହୋଇଥିବା ବେଳେ କେତେକ ବଳଦ ପୋଡି ଯାଇ ଗୁରୁତର ହୋଇଛନ୍ତି।

# ବିଜୁ ଯୁବ ବାହିନୀର ପ୍ରଶିକ୍ଷଣ ଶିବିର

ବାରିପଦା ଅଫିସ,୨୦।୯

ରାଜ୍ୟ ସରକାରଙ୍କ ରାଜ୍ୟ ଯୁବ କଲ୍ୟାଣ ପରିଷଦ ପକ୍ଷରୁ ବାରିପଦାସ୍ଥିତ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସମ୍ମିଳନୀ କକ୍ଷରେ ମୟୂରଭଞ୍ଜ, କେଉଁଝର, ବାଲେଶ୍ୱର, ଭଦ୍ରକ ଏବଂ ଯାଜପୁର ଜିଲାର ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ସବୁ ଜିଲାକୁ ନେଇ ଗଠିତ କ୍ଲଷ୍ଟର ଡି'ର ଜିଲା ଯୁବ ସଂଯୋଜକ ଏବଂ ବ୍ଲକ ଯୁବ ସଂଯୋଜକଙ୍କୁ ଏଠାରେ ତାଲିମ ପ୍ରଦାନ କରାଯାଇଥିଲା। ଉକ୍ତ ତାଲିମ ଶିବିରରେ ମୋଟ ୧୧୮ ଜଣ ସଂଯୋଜକ ବିଜୁ ଯୁବ ବାହିନୀର ବିଭିନ୍ନ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପନ୍ନ କରିବା ନିମନ୍ତେ ତାଲିମ ନେଇଥିଲେ। ବିଜୁ ଯୁବ ବାହିନୀର ରାଜ୍ୟ ଉପଦେଷ୍ଟା ବିବେକାନନ୍ଦ ପଟ୍ଟନାୟକ, କ୍ରୀଡା ଓ ଯୁବ ସେବା ବିଭାଗର ରଶ୍ମିରଞ୍ଜନ ମହାପାତ୍ର ଏବଂ ମାନସ କୁମାର ବେଜ ତାଲିମ ପ୍ରଦାନ କରିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ବିଭୁ ଚରଣ ମିଶ୍ର, ରାଜ୍ୟ ଯୁବ କଲ୍ୟାଣ ପରିଷଦର ସ୍ୱତନ୍ତ୍ର କର୍ତ୍ତବ୍ୟ ନିର୍ବାହୀ ଅଧିକାରୀ କୃଷ୍ଣ ମୋହନ ସାମଲ, ଓସ୍କାର ପ୍ରକଳ୍ପ ନିର୍ଦ୍ଦେଶକ ମାନସ ଦୁର୍ଗା ପ୍ରସାଦ ନାଏକ ଉପସ୍ଥିତ ଥିଲେ।

# ବିଜେଡିର କର୍ମୀ ସମାବେଶ



କର୍ମୀ ସମାବେଶରେ ସାମିଲ କର୍ମୀମାନେ।

ଭଞ୍ଜକିଆ,୨୦।୯

ରଚୁଆଁ ଭାଜପା କାର୍ଯ୍ୟାଳୟରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯଶିପୁର ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ପ୍ରଫୁଲ୍ଲ ପରିଡ଼ା ଯୋଗ ଦେଇଥିଲେ। ବ୍ଲକ ବିଜେଡ଼ି ସଭାପତି ଅମରେଶ ଭଞ୍ଜ ଦେଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ତ୍ରିଲୋଚନ ବେହେରା, ଜ୍ୟୋତିପ୍ରକାଶ ଦାସଅଧିକାରୀ, ମହମ୍ମଦ ମୁସଲିନ ପ୍ରମୁଖ ଉପସ୍ଥିତ ଥିଲେ।

# ପରିତ୍ୟକ୍ତ ଅବସ୍ଥାରେ ଜାମୁଡିହା ଲ୍ୟାମ୍ପସ

କପ୍ତିପଦା,୨୦।୯(ଡି.ଏନ.ଏ.)



- ଆବଶ୍ୟକ ଅନୁଯାୟୀ ମିଳୁନି ସାର
- କୃଷି ବିଭାଗର ନୀତି ପାଇଁ ଚାଷୀ ହତାଶ
- ନୂତନ କୌଶଳ ଶିଖି ପାରୁ ନାହାନ୍ତି ଚାଷୀ

ଅକ୍ଷୟ ତୃତୀୟା ପର ଠାରୁ ଖରିଫ ଚାଷ ପାଇଁ କପ୍ତିପଦା ବ୍ଲକର ଚାଷୀକୂଳ ପ୍ରସ୍ତୁତି ସମ୍ପ୍ରତି ଆରମ୍ଭ କରିଛନ୍ତି । ମୌସୁମୀ ଦୁର୍ବଳ ହୋଇଥିଲେ ବି ଲଘୁଚାପ ବର୍ଷା କୃଷକଙ୍କ ଖରିଫ୍ ଚାଷ କାର୍ଯ୍ୟକୁ ସୁହାଇଛି। ଅପରପକ୍ଷେ ସାରର ଘୋର ଅଭାବ ଏହି ବ୍ଲକ ଅଞ୍ଚଳରେ ପରିଲକ୍ଷିତ ହୋଇଛି । ଚାଷୀମାନେ ଆବଶ୍ୟକତା ଅନୁସାରେ ସାର ପାଉ ନ ଥିବାରୁ ଅସନ୍ତୋଷ ମୁଣ୍ଡ ଟେକିଛି।

କପ୍ତିପଦା ବ୍ଲକ୍ ଅଧିନରେ ଥିବା କପ୍ତିପଦା, ଶାଳବୁଆ ଓ ଜାମୁଡିହା ଲ୍ୟାମ୍ପସ ପାଇଁ ବିଭାଗ ପକ୍ଷରୁ ଚଳିତ ବର୍ଷର ଖରିଫ ଚାଷ ପାଇଁ ୩ ହଜାର କୁଇଣ୍ଟାଲ ପାଖାପାଖି ସାରର ଇଣ୍ଡେନ ଦିଆଯାଇଛି। ଅଦ୍ୟାବଧି କପ୍ତିପଦା ଲ୍ୟାମ୍ପସକୁ ୟୁରିଆ ୨୩୫ କୁଇଣ୍ଟାଲ, ଡି.ଏ.ପି ୨୦୦ କୁଇଣ୍ଟାଲ ଓ ପଟାସ ୧୬୦ କୁଇଣ୍ଟାଲ ମିଳିଛି । ଶାଳବୁଆ ଲ୍ୟାମ୍ପସକୁ ଅଦ୍ୟାବଧି ୟୁରିଆ ୧୦୮ କୁଇଣ୍ଟାଲ ପୁରୁଣା ଷ୍ଟକ୍‌କୁ ମିଶାଇ ୪୯୧ କୁଇଣ୍ଟାଲ, ଡି.ଏ.ପି ୨୦୦ କୁଇଣ୍ଟାଲ ଓ ପଟାସ ୨୦ କୁଇଣ୍ଟାଲ ପୁରୁଣା ଷ୍ଟକ୍‌କୁ ମିଶାଇ ୧୭୦ କୁଇଣ୍ଟାଲ ଦିଆଯାଇଛି । ଏଠାରେ ୟୁରିଆ ୨୦୦ କୁଇଣ୍ଟାଲ ପାଖାପାଖି ଆବଶ୍ୟକ ଥିବା ପରିଚାଳକ ଚିତ୍ତ ରଞ୍ଜନ ଜେନା ପ୍ରକାଶ କରିଛନ୍ତି । ସେହିପରି ଜେଏସ ଜାମୁଡିହା ଲ୍ୟାମ୍ପସକୁ ୟୁରିଆ ୨୭ କୁଇଣ୍ଟାଲ, ଡି.ଏ.ପି ୩୫ କୁଇଣ୍ଟାଲ ଓ ପଟାସ ୨୦କୁଇଣ୍ଟାଲ ସହିତ ପୁରୁଣା ଷ୍ଟକକୁ ମିଶାଇ ମୋଟ ୨୭୫ କୁଇଣ୍ଟାଲ ମିଳିଥିବା ଏମ.ଡି ଲକ୍ଷ୍ମଣ ମାରାଣ୍ଡି କହିଛନ୍ତି । ୟୁରିଆ ସାରର ଅଧିକ ଆବଶ୍ୟକତା ଥିବା ବେଳେ ସରକାର ୟୁରିଆ ଯୋଗାଇବାରେ ବିଫଳ ହୋଇଥିବାର ଚାଷୀ ଚନ୍ଦ୍ରଶେଖର ପାଳବାବୁ ଓ ପ୍ରଦୀପ ନାଏକ ପ୍ରମୁଖ ପ୍ରକାଶ କରିଛନ୍ତି। ଚଳିତ ବର୍ଷ ଚାଷୀ ସହଳ ଚାଷ କାର୍ଯ୍ୟ ପାଇଁ ସଜବାଜ ହେଉଥିବା ବେଳେ ବୁଣାବୁଣି ସମୟରେ ବିହନର ଅଭାବୀ ବିକ୍ରି ପରେ ସାରର ଘୋର ଅଭାବ ଚାଷ କାର୍ଯ୍ୟକୁ ପ୍ରଭାବିତ କରିଛି ।

କପ୍ତିପଦା ବ୍ଲକର ୨୬ଟି ଗ୍ରାମ ପଞ୍ଚାୟତର ପ୍ରାୟ ୨୪ ହଜାରରୁ ଉର୍ଦ୍ଧ୍ୱ କୃଷକ ୨୧ ହଜାର ୭୮୫ ହେକ୍ଟର ଚାଷ ଜମି ଉପରେ ନିର୍ଭରଶୀଳ । ଏହି ଚାଷଜମି ମଧ୍ୟରୁ ୭ହଜାର ୨୮୮ ହେକ୍ଟର ଉଚ୍ଚଜମି ଥିବା ବେଳେ ୪ହଜାର ୬୦୩ ହେକ୍ଟର ମଧ୍ୟମ ଓ ୬ହଜାର ୪୮୯ ହେକ୍ଟର ତଳ ବା ନିମ୍ନ ଜମି ରହିଛି । ୧୩ ହଜାର ୩୭୧ହେକ୍ଟର ଜମିର ଚାଷ ବୃଷ୍ଟି ଜଳ ଉପରେ ନିର୍ଭର କରୁଥିବା ବେଳେ ୭ହଜାର ୯୨୯ହେକ୍ଟର ଜମି ଜଳସେଚିତ। ଏହି ଜମିରେ ବିଶେଷ କରି ସ୍ୱର୍ଣ୍ଣ ଧାନ ଚାଷ କରି ଚାଷୀ ହେକ୍ଟର ପିଛା ୨୫ରୁ ୩୦ କୁଇଣ୍ଟାଲ ଧାନ ଅମଳ କରିଥାନ୍ତି । ବ୍ଲକରେ ଖରିଫ ଫସଲ ପାଇଁ ୧୮ହଜାର ୩୮୦ ହେକ୍ଟର ଜମିରେ ଧାନଚାଷ ଓ ୩.୪୦୫ ହେକ୍ଟର ଜମିରେ ଅଣଧାନ ଚାଷ କରାଯାଇଥାଏ । ତେବେ ୪ବର୍ଷ ଧରି କୃଷି ବିଭାଗର ବିଚିତ୍ର ନୀତି ପାଇଁ ଚାଷୀମାନେ ହତୋତ୍ସାହିତ ହୋଇପଡ଼ିଛନ୍ତି । ଚାଷୀଙ୍କୁ ବିହନ, ସାର ଓ କୀଟନାଶକ ବିକ୍ରି ସମ୍ପ୍ରତି କୃଷି ବିଭାଗ ପରିବର୍ତ୍ତେ ସମବାୟ ବିଭାଗକୁ ଦିଆଯିବା ଫଳରେ ଚାଷୀ ନୂତନ ଜ୍ଞାନ କୌଶଳ ତଥା ଚାଷ ପ୍ରଣାଳୀ ଜାଣିବାରୁ ବଞ୍ଚିତ ରହୁଛନ୍ତି। ଜାମୁଡିହା ଲ୍ୟାମ୍ପ ଗୃହଟି ପରିତ୍ୟକ୍ତ ଅବସ୍ଥାରେ ଥିବାରୁ ଅଳ୍ପ ବର୍ଷାରେ ମଧ୍ୟ ଛାତରୁ ପାଣି ଗଳୁଛି। ବିହନ ରଖିବାକୁ ଜାଗା ନ ଥିବାରୁ ସେହି ପରିତ୍ୟକ୍ତ ଘରେ ପଲିଥିନ ଢାଙ୍କି ସାରକୁ ରଖାଯାଇଥିବା ଦେଖାଯାଇଛି। ତେଣୁ ଯଥା ଶୀଘ୍ର ଜାମୁଡିହା ଲ୍ୟାମ୍ପ ଗୃହର ପୁନଃଉଦ୍ଧାର ପାଇଁ ଜାମୁଡିହା ପୂର୍ବତନ ସରପଞ୍ଚ ତଥା ଲ୍ୟାମ୍ପସର ସଭାପତି ମୋହନ ଦାସ ଦାବୀ କରିଛନ୍ତି। ଏହି ବ୍ଲକ ଅଞ୍ଚଳରେ କୌଣସି ଘରୋଇ ବ୍ୟବସାୟୀଙ୍କୁ ମଧ୍ୟ ସାର ବିକ୍ରୀ କରିବା ନିମନ୍ତେ ଅଦ୍ୟାବଧି ଅନୁମତି ମିଳି ନ ଥିବା ଜଣାଯାଇଛି । ଯଥାଶୀଘ୍ର ଆବଶ୍ୟକ ପରିମାଣର ସାରକୁ ବିଭାଗ ପକ୍ଷରୁ ଯୋଗାଇ ଦିଆଯିବା ସହିତ ଧାନ ଗଛରେ ଶୁଣ୍ଢା ବାହାରୁ ଥିବାରୁ ସରକାରଙ୍କର ବିଭିନ୍ନ କୃଷକ ସଚେତନତା କାର୍ଯ୍ୟକ୍ରମ ପ୍ରତି ଗ୍ରାମରେ କରାଯିବାକୁ ଦାବି ହେଉଛି। ଏ ସମ୍ପର୍କରେ କପ୍ତିପଦା ଲ୍ୟାମ୍ପସ ବିକାଶ ରଞ୍ଜନ ଦାଶଙ୍କୁ ପଚାରିବାରୁ ସେ କୁହନ୍ତି ସାରର ଅଭାବ ହୋଇ ନାହିଁ । କେବଳ ୟୁରିଆର ଆବଶ୍ୟକତା ରହିଛି। ମାତ୍ର ଖୁବ୍ ଶୀଘ୍ର ସମସ୍ତ ଲ୍ୟାମ୍ପରେ ସାର ପହଞ୍ଚିବ ବୋଲି କହିଛନ୍ତି ।

### ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ସ୍ୱଚ୍ଛତା ପକ୍ଷ

ବାରିପଦା,୨୦।୯

ବାରିପଦା ସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ଗୁରୁବାର ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଏନସିସି ଶିକ୍ଷକ ରାଜୀବ ଲୋଚନା ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କର୍ମଶାଳାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦର୍ଶନ ପଣ୍ଡା, ହାବିଲଦାର ମନୋଜ କୁମାର ଶୁକ୍ଳା, ହାବିଲଦାର ଯୋଗୱିନ୍ଦର ସିଂ, ଶିକ୍ଷକ ଅମିତାଭ ମିଶ୍ର ଓ ଡ. ସରୋଜ କୁମାର ନାୟକ ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟର ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଛାତ୍ରୀଛାତ୍ରଙ୍କ ଦ୍ୱାରା ସମୂହ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବିଦ୍ୟାଳୟ ପରିସରକୁ ନିର୍ମଳ ରଖିବା ସହ ଏକ ସୁସ୍ଥ ସମାଜ ଗଠନ ଦିଗରେ କାର୍ଯ୍ୟ କରିବେ ବୋଲି ସମସ୍ତେ ଶପଥ ନେଇଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ବାଲେଶ୍ୱର ଅଫିସ୨୦।୯:** ବାଲେଶ୍ୱର ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ୬୦ନଂ ଜାତୀୟ ରାଜପଥ ବାରୁଣି ପୋଲ ନିକଟରେ ଗୁରୁବାର ମଧାହ୍ନ ୧ଟା ୪୦ରେ ଏକ ବାଇକ୍ ଚାଳକ ଭାରସାମ୍ୟ ହରାଇ ଛିଡ଼ା ହୋଇଥିବା ବସ୍ ପଛପଟୁ ପିଟି ହୋଇଥିଲା। ଫଳରେ ଦୁଇଜଣ ରାସ୍ତାକୁ ଛିଟ୍‌କି ପଡ଼ିଥିଲେ। ଅପରପାର୍ଶ୍ୱରୁ ଆସୁଥିବା ଏକ କାର୍ ବାଇକ୍ ଚାଳକ ଉପରେ ଚଢ଼ିଯିବାରୁ ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି।

ବାଲେଶ୍ୱର ସଦର ଥାନା ଅନ୍ତର୍ଗତ ଫୁଲୱାରକସବା ଗ୍ରାମର ଗୁରୁବା ମୁର୍ମୁଙ୍କ ପୁଅ ରାଜୁ (୨୪) ଏବଂ କାଜିବାଗ ଗ୍ରାମର ରାମଚନ୍ଦ୍ର ଜେନାଙ୍କ ପୁଅ ଦୀପକ (୩୦) ଏକ ବାଇକ୍ ଯୋଗେ ବାଲେଶ୍ୱର ଅଭିମୁଖେ ଆସୁଥିବା ବେଳେ ବାରୁଣି ପୋଲ ନିକଟ ଷ୍ଟପେଜ୍‌ରେ ଛିଡ଼ା ହୋଇଥିବା ବସ୍‌କୁ ପଛପଟୁ ଭାରସାମ୍ୟ ହରାଇ ଧକ୍କା ମାରିଥିଲେ। ଉଭୟ ରାସ୍ତା ଉପରକୁ ଛିଟ୍‌କି ପଡ଼ିବାରୁ ଅପରପାର୍ଶ୍ୱରୁ ଆସୁଥିବା ଏକ କାର୍ ବାଇକ୍ ଚାଳକ ରାଜୁ ଉପରେ ଚଢ଼ିଯାଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଭାବରେ ରାସ୍ତା ଉପରେ ପଡ଼ିଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ଜିଲା ମୁଖ୍ୟଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ରାଜୁଙ୍କୁ ମୃତ ଘୋଷଣା କରିଥିବା ବେଳେ ଦୀପକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଏ ନେଇ ସହଦେବଖୁଣ୍ଟା ଥାନାରେ ଏକ ମାମଲା (ନଂ. ୨୭୪/୧୮) ରୁଜୁ କରାଯାଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇଛି।

### ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ ସନ୍ଦେହ

**ସୋର, ୨୦।୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ସୋର ସହର ଅନ୍ତର୍ଗତ ଇଟୁଆ ଗ୍ରାମର ଜଣେ ମହିଳାଙ୍କର ସାପକାମୁଡାରେ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ଏହି ଗ୍ରାମର ଗିରିଧାରୀ ବେହେରାଙ୍କ ସ୍ତ୍ରୀ ଗାୟତ୍ରୀ(୨୫) ଗୁରୁବାର ସକାଳେ ପାଦ ପୋଡଜଳା ହେଉଥିବା ସହ ଶ୍ୱାସ ରୁଦ୍ଧ ହେଉଥିବା କହିଥିଲେ। ତାଙ୍କୁ ତୁରନ୍ତ ସୋର ଡାକ୍ତରଖାନାକୁ ନିଆଯିବା ପରେ ତାଙ୍କର ମୃତ୍ୟୁ ଘଟିଥିଲା। ପ୍ରକାଶ ଥାଉକି ଗାୟତ୍ରୀଙ୍କର ଦେଢ଼ ବର୍ଷ ତଳେ ବାହାଘର ହୋଇଥିବା ବେଳେ ଏବେ ସେ ଅନ୍ତଃସତ୍ତ୍ୱା ଥିବା ପରିବାର ଲୋକେ କହିଛନ୍ତି। ସୋର ପୋଲିସ ଖବର ପାଇ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିଛି।

### ଭିନ୍ନକ୍ଷମ ସାମର୍ଥ୍ୟ ଆବେଦନକାରୀ ଶିବିର

**ଭୋଗରାଇ,୨୦।୯(ଡି.ଏନ.ଏ.):** ଭୋଗରାଇ ବ୍ଲକ ପରିସରରେ ବୁଧବାର ଅଷ୍ଟମ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ସକାଳ ୮ଟାରୁ ସନ୍ଧ୍ୟା ସାଢ଼େ ୬ଟା ପର୍ଯ୍ୟନ୍ତ ଚାଲିଥିଲା। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଚକ୍ଷୁ, ଙ୍କାନ, ନାକ, ଗଳା, ଭେଷଜ, ଅସ୍ଥିଶଲ୍ୟ ଓ ମାନସିକମାନଙ୍କୁ ଅଭିଜ୍ଞ ଡାକ୍ତରମାନେ ପରୀକ୍ଷାନିରୀକ୍ଷା କରିଥିଲେ। ଭୋଗରାଇର ପ୍ରଥମ ପର୍ଯ୍ୟାୟରେ ୮୯୭ ଜଣ ଭିନ୍ନକ୍ଷମ ପଞ୍ଜିକରଣ କରିଥିବା ବେଳେ ସେମାନଙ୍କୁ ଯାଞ୍ଚ କରାଯାଇ ସାର୍ଟିଫିକେଟ୍ ପ୍ରଦାନ କରାଯିବ ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣର ପଦାଧିକାରୀମାନେ ପ୍ରକାଶ କରିଛନ୍ତି। ବିଡିଓ ଦୀପ୍ତିରଞ୍ଜନ ସେଠୀ, ବ୍ଲକ ସୋସିଆଲ ସିକ୍ୟୁରିଟି ଅଫିସର ବସନ୍ତ ଗିରି, ୧୯ ସିଆରସିସି ଅଙ୍ଗନୱାଡ଼ି କର୍ମୀ ଓ ସାମାଜିକ ସୁରକ୍ଷାର କର୍ମକର୍ତ୍ତା ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ।

### ଚିପ୍ସ ଷ୍ଟକ୍ ପଏଣ୍ଟରେ ଚଢ଼ାଉ

**ସୋର, ୨୦।୯(ଡି.ଏନ୍.ଏ.):** ବାଲେଶ୍ୱର ଜିଲା ସୋର ତହସିଲ ପକ୍ଷରୁ ଏକ ଚିପ୍ସ ଷ୍ଟକ୍ ପଏଣ୍ଟରେ ଅଧିକ ଷ୍ଟକ୍ ରଖାଯାଇଥିବା ନେଇ ଚଢ଼ାଉ କରାଯାଇଛି। ସୋର ଉତ୍ତରେଶ୍ୱର ନିକଟ ଷ୍ଟକ୍ ପଏଣ୍ଟ ଉପରେ ଚଢ଼ାଉ କରାଯାଇ ଏକ ଲକ୍ଷ ଟଙ୍କା ଆଦାୟ କରାଯାଇଛି। ଏହି ଅଧିକ ଉତ୍ପାଦିତ ପରିମାଣ ଚିପ୍ସର ମୂଲ୍ୟ ଆକଳନ ସହ ଜରିମାନା ମିଶି ଏକ ଲକ୍ଷ ଟଙ୍କା ଆଦାୟ କରାଯାଇଛି। ସୋର ତହସିଲଦାର ଦେବୀ ପ୍ରସନ୍ନ ଦାଶଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥଲା। ଅତିରିକ୍ତ ତହସିଲଦାର ଲିପ୍ସା ରାୟ, ଦହିସଡା ଆର୍‌ଆଇ ଶୁଭେନ୍ଦୁଭୂଷଣ ନାୟକ, ସୋର ଆର୍‌ଆଇ ଶ୍ୟାମସୁନ୍ଦର ମାରାଣ୍ଡି ଓ ସୋର ଥାନା ଏସ୍‌ଆଇ ମଧୁସୁନ୍ଦର ଦତ୍ତ ପ୍ରମୁଖ ଏହି ଚଢ଼ାଉରେ ସହଯୋଗ କରିଥିଲେ।

# ୫ ହଜାର ଯୁବତୀଯୁବକଙ୍କୁ ମିଳିବ ନିଯୁକ୍ତି

**ବାଲେଶ୍ୱର ଅଫିସ, ୨୦।୯**




ଖବରଦାତା ସମ୍ମିଳନୀରେ ରାଜ୍ୟ ନିଯୁକ୍ତି ଅଧିକାରୀ।

■ ୨୧ରୁ ରୋଜଗାର ମେଳା
■ କେନ୍ଦ୍ରମନ୍ତ୍ରୀ ବାଣ୍ଟିବେ ନିଯୁକ୍ତିପତ୍ର

ବାଲେଶ୍ୱର ଜିଲା ବାମପଦାସ୍ଥିତ ନୋସି ବିଜନେସ୍ ପାର୍କରେ ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ଅଧିନରେ ନିଯୁକ୍ତି ମେଳା ଅନୁଷ୍ଠିତ ହେବ। ଏନେଇ ଗୁରୁବାର ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ନିଯୁକ୍ତି ଅଧିକାରୀ ରତ୍ନାକର ପାଣିଗ୍ରାହୀ ଏବଂ ବିକ୍ରମ କୁମାର ଦାସ ସୂଚନା ଦେଇଛନ୍ତି ।

ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ଅଧୀନରେ ଆୟୋଜିତ ନିଯୁକ୍ତି ମେଳାରେ ୪୦ରୁ ଊର୍ଦ୍ଧ୍ୱ କମ୍ପାନୀ ଭାଗ ନେବେ। ଅଷ୍ଟମରୁ ସ୍ନାତକ, ଆଇଟିଆଇ, ଟେଲିକମ୍, ଇଲେକ୍ଟ୍ରୋନିକ୍ସ, ରିଟେଲ୍ କ୍ଷେତ୍ରରେ ବାଲେଶ୍ୱର ଜିଲା ସମେତ ମୟୂରଭଞ୍ଜ, ଭଦ୍ରକ, କେନ୍ଦୁଝର ଅଞ୍ଚଳର ୫ହଜାର ଯୁବତୀଯୁବକଙ୍କୁ ଯୋଗ୍ୟତା ଅନୁସାରେ ନିଯୁକ୍ତିମେଳାରୁ ନିଯୁକ୍ତିପତ୍ର ମିଳିବ। ଏହି ମେଳାରେ କମ୍ପାନୀ ରାଜ୍ୟ ତଥା ଆଖପାଖ ରାଜ୍ୟର ଅଂଶଗ୍ରହଣକାରୀ ଭାଗ ନେବେ। ଉଚ୍ଚ ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ତଥା ଅଟୋମୋଟିଭ, ଆଇଟି ଟେଲିକମ୍, ଇଲେକ୍ଟ୍ରୋନିକ୍ସ, ରିଟେଲ ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଯୁକ୍ତି ପ୍ରଦାନ କରିବେ। ଚୟନପ୍ରକ୍ରିୟାର ଅଂଶସ୍ୱରୂପ ନିଯୁକ୍ତିଦାତା କମ୍ପାନୀମାନେ ଲିଖିତ ସାକ୍ଷାତକାର ଓ ଦଳଗତ ଆଲୋଚନା ଜରିଆରେ ଚାକିରି ଆଶାୟୀମାନଙ୍କୁ ସାକ୍ଷାତ୍‌କାର ନେବେ। ରୋଜଗାର ମେଳାର ତୃତୀୟ ଦିବସରେ ତୈଳ ଓ ପ୍ରାକୃତିକ ଗ୍ୟାସ୍ ଏବଂ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମନୋନୀତ ପ୍ରାର୍ଥୀମାନଙ୍କୁ ମେଳା ପରିସରରେ ନିଯୁକ୍ତିପତ୍ର ପ୍ରଦାନ କରିବେ। ମେଳା ପରିସରରେ ଯୁବବର୍ଗଙ୍କ ଅଂଶଗ୍ରହଣମୂଳକ ଦକ୍ଷତା ପ୍ରଦର୍ଶନ ପରାମର୍ଶ ଶିବିର ଏବଂ କୌଶଳ ମେଳା ଆୟୋଜିତ ହେବ। ଦକ୍ଷତା ପ୍ରଦର୍ଶନୀରେ କୃଷି, ଇଲେକ୍ଟ୍ରୋନିକ୍ସ, ନିର୍ମାଣ, ପାଇପ୍ କାରିଗରି, ବୟନ ଆଦି ଏନ୍‌ଏସ୍‌ଡ଼ିସି (ନ୍ୟାଶନାଲ ସ୍କିଲ ଡେଭଲପ୍‌ମେଣ୍ଟ କର୍ପୋରେଶନ୍) ଅନୁମୋଦିତ କ୍ଷେତ୍ରଗୁଡ଼ିକରେ ଷ୍ଟଲ୍ ଖୋଲାଯାଇ ସମ୍ପୃକ୍ତ କ୍ଷେତ୍ରଗୁଡ଼ିକ ପାଇଁ ଆବଶ୍ୟକ ଦକ୍ଷତା, ଚାକିରି ସର୍ତ୍ତାବଳୀ, ଉପକରଣ ବାବଦରେ ସୂଚନାମାନ ପ୍ରଦର୍ଶନ ହେବ। ଅଂଶଗ୍ରହଣକାରୀ ଯୁବବର୍ଗଙ୍କୁ ବିଭିନ୍ନ ପ୍ରକାର ଦକ୍ଷତାବିକାଶ ଯୋଜନା, ସମ୍ପୃକ୍ତ ଯୋଜନା ଓ ସୁଯୋଗ ବାବଦରେ କର୍ମଶାଳାମାନ ଆୟୋଜନ କରି ମେଳା ପରିସରରେ ବୁଝାଇ ଦିଆଯିବ। ତୃତୀୟ ଦିନରେ କୌଶଳ ମେଳାର ଅଂଶସ୍ୱରୂପ ଗ୍ରହଣକାରୀଙ୍କୁ ପ୍ରାଇଭେଟ୍ ତାଲିମ ଅଂଶୀଦାରମାନଙ୍କ ଦ୍ୱାରା ସଦ୍ୟ ଦକ୍ଷତା ବିକାଶ ପ୍ରଶିକ୍ଷଣ ପାଇଁ ପଞ୍ଜୀକରଣ କରାଯିବ। ଯୁବବର୍ଗଙ୍କ ବିକାଶ ପାଇଁ ସାରା ଦେଶରେ ଆଗକୁ ଅନ୍ୟାନ୍ୟ ରାଜ୍ୟଗୁଡ଼ିକରେ ଏନ୍‌ଏସ୍‌ଡ଼ିସି ଭଳି ସମାନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯିବାର ଯୋଜନା ରହିଛି ବୋଲି ରାଜ୍ୟ ଏନଗେଜ୍‌ମେଣ୍ଟ ଅଫିସର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।



କଂଗ୍ରେସ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

# କଟକଣା ହଟାଇବାକୁ ଦାବି କଲା କଂଗ୍ରେସ

**ଭଦ୍ରକ ଅଫିସ,୨୦।୯**

ଭାଇଚାରାର ସହର ଭଦ୍ରକରେ ଉଭୟ ହିନ୍ଦୁ ଓ ମୁସ୍‌ଲିମ ସମ୍ପ୍ରଦାୟ ପର୍ବପର୍ବାଣୀ ମିଳିମିଶି ପାଳନ କରିଥାନ୍ତି। ହେଲେ ପ୍ରଶାସନ ଶାନ୍ତିଶୃଙ୍ଖଳା ନାଁରେ ମହରମ ଓ ଗଣେଶ ଭସାଣି ଶୋଭଯାତ୍ରା ଉପରେ କଟକଣା ଲଗାଇଥିବାରୁ ଉଭୟ ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମହରମ ପର୍ବର କାଫଲା ଏବଂ ଗଣେଶ ଭସାଣି ଶୋଭାଯାତ୍ରା ପାରମ୍ପରିକ ରାସ୍ତାରେ ବାହାର କରିବା ଉପରେ ଅଙ୍କୁଶ ଲଗାଯାଇଛି। ଗଣତାନ୍ତ୍ରିକ ବ୍ୟବସ୍ଥା ଅନୁଯାୟୀ, ମହରମ ଓ ଗଣେଶ ଭସାଣି ଶୋଭାଯାତ୍ରାକୁ ଜିଲା ପ୍ରଶାସନ ଅନୁମତି ନ ଦେବାକୁ ଜିଲା କଂଗ୍ରେସ ନିନ୍ଦା କରିଛି। ଏହାର ପ୍ରତିବାଦ ଜଣାଇ ପ୍ରଶାସନ ଉଭୟ ସମ୍ପ୍ରଦାୟର ଶୋଭାଯାତ୍ରାକୁ ଅନୁମତି ଦେବା ସକାଶେ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଗୁରୁବାର କଂଗ୍ରେସର ଜିଲା କାର୍ଯ୍ୟକାରୀ ସଭାପତି ନଳିନୀ ମହାନ୍ତିଙ୍କ ନେତୃତ୍ୱରେ ଟାଉନ କଂଗ୍ରେସ ସଭାପତି ଅବଦୁଲ ମୁକିତ ଖାଁ, ପିସିସି ସମ୍ପାଦକ ସେକ୍ ଗୁଲାମ ମଇଉଦ୍ଦିନ, ସଂଖ୍ୟାଲଘୁ ଜିଲା ସଭାପତି ସେକ ସମ୍‌ଦାନୀ, ଚଉଦ ମହଲା ମୁସ୍‌ଲିମ ଜମାତ୍‌ର ସହସମ୍ପାଦକ ସେକ୍ ସିରାଜୁଦ୍ଦିନ, ଛାତ୍ର କଂଗ୍ରେସର ଜିଲା ସଭାପତି ବଳରାମ ରାଉତ, ସେକ୍ ବୁଗ୍‌ଦାଦ ପ୍ରମୁଖ ଏକ ଦାବିପତ୍ର ଜିଲାପାଳଙ୍କ ଅନୁପସ୍ଥିତିରେ ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ପଦ୍ମନ ରାୟଙ୍କୁ ପ୍ରଦାନ କରିଛନ୍ତି।

# ଶିକ୍ଷକ, କର୍ମଚାରୀ ମିଳିତ ମଞ୍ଚର ପଦଯାତ୍ରା




ଜଳେଶ୍ୱରରେ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

**ଜଳେଶ୍ୱର,୨୦।୯(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ସ୍କୁଲ କଲେଜ ମିଳିତ ଶିକ୍ଷକ, ଅଧାପକ ମଞ୍ଚ ତରଫରୁ ମଙ୍ଗଳବାର ବ୍ଲକ ଗ୍ରାଣ୍ଟ ଉଚ୍ଛେଦ ଦାବି ନେଇ ପଦଯାତ୍ରା କରାଯାଇଥିଲା। ବର୍ତ୍ତନା ସରପଞ୍ଚ ପଦ୍ମଲୋଚନ ବେହେରାଙ୍କ ସମେତ ବିଭିନ୍ନ ରାଜନୈତିକ ସଂଗଠନର ନେତୃବୃନ୍ଦ ମଞ୍ଚର ଦାବିକୁ ସମର୍ଥନ ଜଣାଇ ପଦଯାତ୍ରାରେ ସାମିଲ ହୋଇଥିଲେ। ଓଡ଼ିଶା ସରକାରଙ୍କ ଉଦାସୀନତା ପ୍ରତିବାଦରେ ଆନ୍ଦୋଳନ କାର୍ଯ୍ୟକ୍ରମ ଜାରି ରହିବ ବୋଲି ମିଳିତ ମଞ୍ଚର ନେତୃବୃନ୍ଦ ପ୍ରକାଶ କରିଥିଲେ। ୪୮୮ ବର୍ଗର ଅଧ୍ୟାପକ ଅନନ୍ତ ଦାସ,ବାଲେଶ୍ୱର ଓଷ୍ଟା ଉପ ସଭାପତି ସୁକୁମାର ମିଶ୍ର ପ୍ରମୁଖ ମଞ୍ଚର ଦାବି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବର୍ତ୍ତନା ପଞ୍ଚାୟତରୁ ଆରମ୍ଭ ହୋଇଥିବା ପଦଯାତ୍ରା ପାଇକସିଦା, ପଶ୍ଚିମବାର୍ଡ଼, ବାଇଗଣବାଡ଼ିଆ, ଝାଡ଼ପିପଳ, ଖୁଲୁଡ଼ା ପଞ୍ଚାୟତ ଦେଇ ବର୍ତ୍ତନା କଲେଜ ନିକଟରେ ପହଞ୍ଚିବା ପରେ ସେଠାରେ ଏକ ସାଧାରଣ ସଭା କରାଯାଇଥିଲା।

**ବସ୍ତା,(ସ୍ୱ.ପ୍ର.)–** ବସ୍ତା ବ୍ଲକ ଅନ୍ତର୍ଗତ ସାହାଡ଼ା ହାଟପଡ଼ିଆରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ପଥଦୁର୍ଗା ସଂସ୍କୃତ କଲେଜର ଅଧାପକ ସଦାନନ୍ଦ ଦିକ୍ଷୀତଙ୍କ ପରିଚାଳନାରେ ଜଗନ୍ନାଥ ଜୀଉ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟିର ରମେଶ ଚନ୍ଦ୍ର ଦାସ, ଶିକ୍ଷକ ନେତା ରମେଶ ନାୟକ, ମନ୍ମଥ ସେନାପତି, ଗଜେନ୍ଦ୍ର ସାହୁ, ଅଶୋକକୁମାର ଖଟୁଆ ପ୍ରମୁଖ ଏହି ଆନ୍ଦୋଳନକୁ ସମର୍ଥନ କରିବା ସହିତ ସରକାରଙ୍କ ଶିକ୍ଷକମାରଣ ନୀତିକୁ ତୀବ୍ର ସମାଲୋଚନା କରିଥିଲ। ତୁରନ୍ତ ଶିକ୍ଷକମାନଙ୍କର ଦାବି ପୂରଣ କରି ରାଜ୍ୟସରକାର ଗ୍ରାମାଞ୍ଚଳରେ ଶୈକ୍ଷିକ ବାତାବରଣ ଫେରାଇ ଆଣିବାକୁ ଦାବି କରିଛନ୍ତି। ମିଳିତ ଶିକ୍ଷକ ସଂଘ ମଞ୍ଚ ପକ୍ଷରୁ ବିଭିନ୍ନ ଦାବି ନେଇ ମଙ୍ଗଳବାର ବସ୍ତାବ୍ଲକ ଅନ୍ତର୍ଗତ ଗାନ୍ଧିଛକଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହାପରେ ମଥାନୀ, ତିଗିରିଆ, ପଣ୍ଡରୁଙ୍ଗୀ ଓ ଜଳକା ପ୍ରୋଜେକ୍ଟ ଠାରେ ତଦନୁରୂପ ଶିକ୍ଷା ଓ ଶିକ୍ଷକଙ୍କ ଦାବି ଏବଂ ବାସ୍ତବତା ସମ୍ପର୍କରେ ନେତୃବୃନ୍ଦ ବକ୍ତବ୍ୟ ଦେଇ ଜନସଚେତନତା କାର୍ଯ୍ୟକ୍ରମ କରିଥିଲେ। ଏହି ଅବସରରେ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ସଭା ମାନଙ୍କରେ ସ୍ଥାନୀୟ ଅଞ୍ଚଳର ଶିକ୍ଷାବିତ, ଅଭିଭାବକ, ସଚେତନ ନାଗରିକ ଶିକ୍ଷକଙ୍କ ଏପ୍ରକାର ଆନ୍ଦୋଳନକୁ ସମର୍ଥନ ଜଣାଇବା ସହ ଶିକ୍ଷାବ୍ୟବସ୍ଥାର ସୁଧାର ସମ୍ପର୍କରେ ମନ୍ତବ୍ୟ ରଖିଥିଲେ।

### ନିଳୋକ ସତ୍‌ସଙ୍ଗ କେନ୍ଦ୍ରରେ ସଙ୍ଗୀତାଞ୍ଜଳି

**ବନ୍ତ,୨୦।୯(ଡି.ଏନ୍.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ନିଳୋକ ସତ୍‌ସଙ୍ଗ କେନ୍ଦ୍ରରେ ବହୁ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୧ତମ ଜନ୍ମ ଦିବସ ପାଳନ ଅବସରରେ ଭକ୍ତି ରସଭରା ସଙ୍ଗୀତାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯାଜକ କର୍ମୀ ଅବିନାଶ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସତ୍‌ସଙ୍ଗ କାର୍ଯ୍ୟକ୍ରମରେ ଯାଜକ କର୍ମୀ ଲକ୍ଷ୍ମୀଧର ଲେଙ୍କା ଯୋଗ ଦେଇ ଠାକୁରଙ୍କ ଭାବାଦର୍ଶ ଉପରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ବସନ୍ତ ରାଉତ ସତ୍ୟାନୁସରଣ ଏବଂ ଲଳିତା ଜେନା ନାରୀର ନୀତି ପାଠ କରିଥିଲେ । ଏହି ଅବସରରେ ଆୟୋଜିତ ସଙ୍ଗୀତାଞ୍ଜଳି କାର୍ଯ୍ୟକ୍ରମରେ ଉପେନ୍ଦ୍ର ମିଶ୍ର, କାଳନ୍ଦି ସାହୁ, ଚନ୍ଦ୍ରମଣି ନାୟକ, ହରିହର ବାରିକ, ଦୁଲଣା ଜେନା, ମିନତୀ ସାହୁ, ନବଘନ ସାହୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ନିଳୋକ, ପଳାସଗଡିଆ, ଭଣ୍ଡାରଗଡିଆ, ଚାରିପୋଖରିଆ, ସେଣ୍ଡେତୀରା, ଅଣ୍ଡିଆ, ଘରପଦା, ମୋହନପୁର, ଦୋଳପଦୀ, ପଧାନପଡା ଆଦି ଗ୍ରାମର ଶତାଧିକ ଶ୍ରଦ୍ଧାଳୁ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# ହସ୍ତକଳା ପ୍ରଦର୍ଶନ ଓ କବ୍ ବୁଲବୁଲ୍ ଛାତ୍ରୀଛାତ୍ରଙ୍କ ଶପଥପାଠ

**ଧାମନଗର,୨୦।୯(ଡି.ଏନ.ଏ.)**

ଧାମନଗର ବ୍ଲକ ଖଡିପଦା ନୋଡାଲ ଉପ୍ରା ବିଦ୍ୟାଳୟରେ କବ୍ ବୁଲବୁଲ ଛାତ୍ରୀଛାତ୍ରଙ୍କ ଶପଥ ପାଠ ଉତ୍ସବ ଏବଂ ଛାତ୍ରୀଛାତ୍ରଙ୍କ ଦ୍ୱାରା ବର୍ଜ୍ୟବସ୍ତୁରୁ ତିଆରି ବିଭିନ୍ନ ହସ୍ତକଳା ପ୍ରଦର୍ଶନ କାର୍ଯ୍ୟକ୍ରମକୁ ବ୍ଲକ ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ ଉଦ୍‌ଘାଟନ କରିଥିଲେ । ପ୍ରଧାନଶିକ୍ଷକ ମନୋଜ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ସଙ୍ଗୀତ ନାଟକ ଏକାଡେମି ପୁରସ୍କାର ପ୍ରାପ୍ତ ସଂସ୍କୃତି ଗବେଷକ ସୁବାସ ଚନ୍ଦ୍ର ମଲ୍ଲିକ, ଶିକ୍ଷାବିତ୍ ଦୈତାରୀ ଦାଶ,ପୂର୍ବତନ ଶିକ୍ଷା ସଂଯୋଜକ ହେମେନ୍ଦ୍ର ନାଥ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟଅତିଥି ପବିତ୍ର ମୋହନ ବାରିକ ନୂତନ ଭାବେ ଯୋଗଦେଇଥିବା କବ୍ ବୁଲବୁଲ ଛାତ୍ରୀଛାତ୍ରଙ୍କୁ ସ୍କାପ ଏବଂ ବ୍ୟାଚ ପ୍ରଦାନ କରି ସେମାନଙ୍କୁ ସ୍ୱାଗତ କରିଥିଲେ। ଫ୍ଲକ ଲିଡର ଭଗବତୀ ପାଣିଗ୍ରାହୀ ବୁଲବୁଲ ଛାତ୍ରୀମାନଙ୍କୁ ଶପଥ ପାଠ କରାଇଥିବା ବେଳେ କବ୍‌ମାଷ୍ଟର ମନୋଜ କୁମାର ଜେନା କବ୍ ଛାତ୍ରମାନଙ୍କୁ ଶପଥପାଠ କରାଇଥିଲେ। ରାଜ୍ୟ ସ୍କାଉଟ୍ ଓ ଗାଇଡ୍ ରାଜ୍ୟସ୍ତରୀୟ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏହି ଅବସରରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କ ବିଭିନ୍ନ ପ୍ରକାର ବର୍ଜ୍ୟ ବସ୍ତୁକୁ ନେଇ ହସ୍ତକଳା ପ୍ରଦର୍ଶନୀକୁ ଅତିଥିମାନେ ବୁଲି ଦେଖି ଖୁସି ବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଶୋରିମଣୀ ସେନାପତି, ମାଳତୀ ପାଣିଗ୍ରାହୀ, ଭଗବତୀ ପାଣିଗ୍ରାହୀ, ଜ୍ୟୋସ୍ନାରାଣୀ ଯେନା, ମଧୁସ୍ମିତା ସାହୁ, ପ୍ରଶାନ୍ତ ସାହୁ, ସୌମ୍ୟରଞ୍ଜନ ସାହୁ, ମନୋରମା ଯେନା, ପ୍ରଣତି ଦାଶ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ୩ ଯୁବ ପ୍ରତିଭା ସମ୍ବର୍ଦ୍ଧିତ

**ବାଲେଶ୍ୱର ଅଫିସ,୨୦।୯**

ବାଲେଶ୍ୱର ଜିଲା ନାରୀସଂଘ ପରିସରରେ ଥିବା ରାଧାଦେବୀ ଶିଶୁ ପାଠାଗାରରେ ବିଶିଷ୍ଟ ସାମାଜିକ କର୍ମୀ ଡ. ରାଧା ଦେବୀ ଜୟନ୍ତୀ ପାଳିତ ହୋଇଯାଇଛି। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବିନିତା ବିଶ୍ୱବନ୍ଦିତା, ଋତୁପର୍ଣ୍ଣା ସାହୁ, ସ୍ୱାଧୀନ ସ୍ୱରୂପ ଦାସ ପ୍ରମୁଖ ୩ ଯୁବ ପ୍ରତିଭାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଫକୀରମୋହନ ସାହିତ୍ୟ ପରିଷଦ ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଉତ୍ସବରେ ପୌରୋହିତ୍ୟ କରିଥିଲେ। ଅଧ୍ୟାପକ ଡ. ପ୍ରହଲ୍ଲାଦ ଚରଣ ମହାନ୍ତି ମୁଖ୍ୟଅତିଥି, ପୂର୍ବତନ ପ୍ରଶାସନିକ ଅଧିକାରୀ ବୈଜନାଥ ଷଡ଼ଙ୍ଗୀ, କବି କାଳିପଦା ପଣ୍ଡା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ।




ରାଧାଦେବୀ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି।

# ଭୋଗରାଇ ନିର୍ବାଚନ ମଣ୍ଡଳୀର ଶତାଧିକ କଂଗ୍ରେସ ନେତା ଓ କର୍ମୀ ଭାଜପାରେ ମିଶିଲେ

**ଭୁବନେଶ୍ୱର୨୦।୯(ବ୍ୟୁରୋ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଗୁରୁବାର ବାଲେଶ୍ୱର ଜିଲ୍ଲା ଭୋଗରାଇ ନିର୍ବାଚନମଣ୍ଡଳିର ଶତାଧିକ କଂଗ୍ରେସ ନେତା ଓ କର୍ମୀ ଭାଜପାରେ ଯୋଗ ଦେଇଛନ୍ତି।। ପୂର୍ବତନ ଜିଲା ପରିଷଦ ତଥା କଂଗ୍ରେସର ଟାଣୁଆ ନେତା ସଂଜୀବ କୁମାର ସାହୁ ନିଜର ଶତାଧିକ ସମର୍ଥକଙ୍କ ଗ୍ରହଣରେ ଭାଜପା ରାଜ୍ୟ କାର୍ଯ୍ୟାଳୟକୁ ଆସି ଆନୁଷ୍ଠାନିକ ଭାବେ ଦଳରେ ସାମିଲ ହୋଇଛନ୍ତି । ଏହି ଅବସରରେ ପୂର୍ବତନ ଜିଲା ପରିଷଦ ସଦସ୍ୟା ରୁକ୍ମଣୀ ଚାନ୍ଦ, ବାଲିମ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଆଶିଷ ପ୍ରଧାନ, ନହରା ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁକୁମାର ସୁର, ନାଚିନ୍ଦା ପଞ୍ଚାୟତର ପୂର୍ବତନ ସରପଞ୍ଚ ଖଗେନ୍ଦ୍ର ନାୟକଙ୍କ ସମେତ ଶତାଧିକ କଂଗ୍ରେସ ନେତା ଓ କର୍ମୀ ଭାଜପାରେ ବିଧିବଦ୍ଧ ଭାବେ ସାମିଲ ହୋଇଥିବା ଦଳ ପକ୍ଷରୁ ଜଣାଯାଇଛି। ରାଜ୍ୟ କାର୍ଯ୍ୟାଳୟଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମସ୍ତ ସଦସ୍ୟଙ୍କୁ ଦଳୀୟ ଟୋପି ଏବଂ ଉତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବ ଅବସରରେ ରେମୁଣା ବିଧାୟକ ଗୋବିନ୍ଦ ଦାସ, ରାଜ୍ୟ ସଂପାଦିକା ଶୋଭନା ମହାନ୍ତି, ବାଲେଶ୍ୱରନ ଜିଲ୍ଲା ସାଧାରଣ ସଂପାଦକ ତଥା ଭୋଗରାଇ ପ୍ରଭାରୀ ଅଜୟ କୁମାର ସାହୁ, ବସ୍ତା ପ୍ରଭାରୀ ଜାଦବେଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଅଲ୍ ଓଡିଶା କ୍ୟାବ ଆସୋସିଏଶନର ସଭାନେତ୍ରୀ ସିପ୍ରା ହିରା, ସାଧାରଣ ସମ୍ପାଦକ ପ୍ରଦୀପ କୁମାର ମହାନ୍ତି, ଜଷ୍ଟିସ ଫର୍ ୱମେନ୍ ଆସୋସିଏଶନର ସମ୍ପାଦକ ଝରଣା ରାଉତ, ଓଡିଶା ମହିଳା ସଂଗଠନର ଉପଦେଷ୍ଟା ପ୍ରତିଭା ନାୟକ ଏବଂ ସାମାଜିକ କର୍ମୀ ଲକ୍ଷ୍ମୀପ୍ରିୟା ଭାଜପାରେ ସାମିଲ ହୋଇଥିଲେ। ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ଜିଲ୍ଲା ସଭାପତି ହରେକଷ୍ଣ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ଭାଜପା ଉପସଭାପତି ସମୀର ମହାନ୍ତି ଦଳରେ ସାମିଲ ହୋଇଥିବା ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ମିଶ୍ରଣ ଯୋଗୁ ଦଳ ସାଙ୍ଗଠନିକ ସ୍ତରରେ ଆହୁରି ମଜଭୁତ ହେବ ବୋଲି ମହାନ୍ତି କହିଛନ୍ତି ।

# ‘ପଲିଥିନ ବ୍ୟବହାରରୁ ଦୂରେଇ ରୁହ’

**ଖଇରା,୨୦।୯(ଡି.ଏନ.ଏ.)**

‘ସ୍ୱଚ୍ଛତା ହିଁ ସେବା’ ସଚେତନତା ଅଭିଯାନରେ ସାମିଲ ହୋଇ ଛାତ୍ରୀଛାତ୍ର ପଲିଥିନ ବ୍ୟବହାର ପରିବେଶ ଉପରେ କିପରି କୁପ୍ରଭାବ ପକାଉଛି, ତାହା ଲୋକଙ୍କୁ ବୁଝାଉଛନ୍ତି। ମଙ୍ଗଳବାର ବାଲେଶ୍ୱର ଜିଲା ଖଇରା ବ୍ଲକ ଗରସଙ୍ଗସ୍ଥିତ ରାମଚନ୍ଦ୍ର ହାଇସ୍କୁଲର ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ସ୍ଥାନୀୟ ଗ୍ରାମ ଓ ବଜାର ପରିକ୍ରମା କରି ସ୍ୱଚ୍ଛତାର ବାର୍ତ୍ତା ପ୍ରଦାନ କରିଥିଲେ। ପରିବେଶକୁ ସ୍ୱଚ୍ଛ ରଖିବା ଲାଗି ସେମାନେ ଗ୍ରାମବାସୀ ଓ ବ୍ୟବସାୟୀଙ୍କୁ ବୁଝାଇଥିଲେ। ଏହି ଅବସରରେ ରାସ୍ତା କଡରେ ପଡିଥିବା ପଲିଥିନ ଓ ଅନ୍ୟ ଆବର୍ଜନାକୁ ଉଠାଇ କୁଣ୍ଡରେ ପକାଇଥିଲେ। ପ୍ରଧାନଶିକ୍ଷକ ଶିବ ପ୍ରସାଦ ବଳ, ଉଗ୍ରସେନ ନାୟକ, ନାରାୟଣ ପ୍ରସାଦ ଜେନା, ଦେବେନ୍ଦ୍ର ବାରିକ, ଅଭିମନ୍ୟୁ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।




ଛାତ୍ରୀଛାତ୍ରଙ୍କ ସଚେତନତା ରାଲି।

# ଛୁଟିରେ ଗଲେ କାର୍ଯ୍ୟରତ ଡିପ୍ଲୋମା ଇଞ୍ଜିନିୟର

**ବାଲେଶ୍ୱର ଅଫିସ,୨୦।୯**




ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର୍ସ ସେବା ସଂଘ ବାଲେଶ୍ୱର ଶାଖା।

ଡିପ୍ଲୋମା ଇଞ୍ଜିନିୟରଙ୍କ ପ୍ରତି ଓଡ଼ିଶା ସରକାରଙ୍କ ପକ୍ଷପାତ ଓ ଅନ୍ୟାୟ ପ୍ରତିବାଦରେ ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ ଆନ୍ଦୋଳନ ଜୋରଦାର କରିଛି। ପୂର୍ବ ଘୋଷଣା ଅନୁଯାୟୀ ୧୮ ତାରିଖରୁ ରାଜ୍ୟର ସେବାରତ ୮୫୦୦ ଡିପ୍ଲୋମା ଇଞ୍ଜିନିୟର ୪୪ ଦିନ ପାଇଁ ସମୂହ ଛୁଟିରେ ଯାଇଛନ୍ତି। ମଙ୍ଗଳବାର ବାଲେଶ୍ୱର ଜିଲାର ବିଭିନ୍ନ ସରକାରୀ ବିଭାଗରେ କାର୍ଯ୍ୟରତ ଡିପ୍ଲୋମା ଇଞ୍ଜିନିୟର ମାନେ ଏକାଠି ହୋଇ ଓଡ଼ିଶା ସଂଘ ଭବନରେ ସରକାରଙ୍କ ଉଦାସୀନତାର ପ୍ରତିବାଦ କରିଥିଲେ। ପୂର୍ବରୁ ସମୂହ ଛୁଟି ସମ୍ପର୍କରେ ସଂଘ ପକ୍ଷରୁ ରାଜ୍ୟସରକାରଙ୍କୁ ସଂଘର ୫ଦଫା ଦାବି ସମ୍ପର୍କରେ ବହୁବାର ଅବଗତ କରାଯାଇଥିଲେ ମଧ୍ୟ ସରକାର ଅଦ୍ୟାବଧି କୌଣସି ପଦକ୍ଷେପ ନେଇନାହାନ୍ତି। ଯଦ୍ୱାରା ଜିଲର ସମସ୍ତ ଡିପ୍ଲୋମା ଇଞ୍ଜିନିୟରମାନେ ପୂର୍ବ ଘୋଷିତ ୨୦୧୮ ମସିହା ୧୮ ତାରିଖଠାରୁ ୩୧ ପର୍ଯ୍ୟନ୍ତ ସମୂହ ଛୁଟିରେ ଯିବାପାଇଁ ବାଧ ହୋଇଛନ୍ତି। ସଂଘର ପାଞ୍ଚଦଫା ଦାବି ଗୁଡ଼ିକ ହେଲା ଡିପ୍ଲୋମା ଇଞ୍ଜିନିୟରଙ୍କ ମୂଳ ନିଯୁକ୍ତି ପଦବୀ ସହକାରୀ ଯନ୍ତ୍ରୀ କରାଯିବା ଓ ପଦୋନ୍ନତି ହାର ୫୦ ପ୍ରତିଶତକୁ ବୃଦ୍ଧି, ପଞ୍ଚାୟତିରାଜ ବିଭାଗର ସମସ୍ତ ଜିପିଟିଏ ଓ ଜେଇ ଆରଡବ୍ଲ୍ୟୁଏସ୍‌ଏଣ୍ଡ୍‌ଏସ୍.(୨)ଙ୍କୁ ରେଗୁଲାର ନିଯୁକ୍ତି ପ୍ରଦାନ ଓ ବର୍ତ୍ତମାନର ସମସ୍ତ ଜେଇଙ୍କୁ ଏଇ କରିବା, ଡିପ୍ଲୋମା ଇଞ୍ଜିନିୟରଙ୍କୁ ଉପଯୁକ୍ତ ହାରରେ ଦରମା ପ୍ରଦାନ କରିବା, କ୍ୟାଡର ପୁନର୍ଗଠନ ହୋଇନଥିବା ଅଣ ଇଞ୍ଜିନିୟରିଙ୍ଗ୍ ବିଭାଗରେ ଡିପ୍ଲୋମା ଇଞ୍ଜିନିୟରଙ୍କ କ୍ୟାଡର ପୁନର୍ଗଠନ, କୃଷି ଓ ମେକାନିକାଲ୍ ବିଭାଗ ଇତ୍ୟାଦିରେ ନିଯୁକ୍ତ ଡିପ୍ଲୋମା ଇଞ୍ଜିନିୟରଙ୍କର କ୍ୟାଡ଼ରକୁ ଉପଯୁକ୍ତ ନ୍ୟାୟ ପ୍ରଦାନ ଆଦି ଦାବି ରହିଛି।

## ସଂକ୍ଷେପରେ

### ଭାଲୁ କାମୁଡାରେ ଯୁବକ ଗୁରୁତର

**କେନ୍ଦୁଝର/ଢେଙ୍କିକୋଟ, ୨୦।୯(ସ୍ୱ.ପ୍ର./ଡି.ଏନ.ଏ.):** ଘଟଗାଁ ବନାଞ୍ଚଳ ଦେଓବନ୍ଧ ଫରେଷ୍ଟ ସେକସନ ଅଧୀନ ପୁରୁମୁଣ୍ଡା ପଞ୍ଚାୟତର ଗୟଳମୁଣ୍ଡା ଗ୍ରାମରେ ଭାଲୁ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ନାମ ପ୍ରଶାନ୍ତ ଜୁଆଙ୍ଗ। ଜିଲା ମୁଖ୍ୟଡାକ୍ତରଖାନାରେ ତାଙ୍କୁ ଭର୍ତ୍ତି କରାଯାଇଛି। ବନ ବିଭାଗ ପକ୍ଷରୁ ଚିକିତ୍ସା ସହାୟତା ଦିଆଯାଉଥିବା ସୂଚନା ମିଳିଛି। ପୂର୍ବରୁ ସେହି ଭାଲୁ ଆକ୍ରମଣରେ ଜଣଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ପୁଣି ଆଉ ଜଣଙ୍କୁ ଆକ୍ରମଣ ସ୍ଥାନୀୟ ଅଞ୍ଚଳରେ ଭୟ ସୃଷ୍ଟି କରିଛି। ପ୍ରତି ଆକ୍ରମଣରେ ଲୋକେ ଭାଲୁକୁ ମାରି ଦେବା ଆଶଙ୍କା କରାଯାଉଛି। ଭାଲୁ ସହ ସ୍ଥାନୀୟ ଲୋକଙ୍କୁ ସୁରକ୍ଷା ଦେବାକୁ ଦାବି ହେଉଛି।

### ନୃତ୍ୟ ପ୍ରତିଯୋଗିତାରେ ଛାତ୍ରୀଙ୍କ କୃତିତ୍ୱ



**ରାଇସୁଆଁ, ୨୦।୯(ଡି.ଏନ.ଏ.):** କେନ୍ଦୁଝର ଜିଲା ସଦର ବ୍ଲକ ପୁଟୁଳିଆ ଗ୍ରାମର ଭୁବନାନନ୍ଦ ପବ୍ଲିକ ସ୍କୁଲ ତରଫରୁ ହୋଇଥିବା ନୃତ୍ୟ ପ୍ରତିଯୋଗିତାରେ ଛାତ୍ରୀ ଲୋରା ମାହାନ୍ତି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଫଳରେ ବିଦ୍ୟାଳୟର ପରିଚାଳକ ଦିଲ୍ଲୀପ ବେହେରା ଏବଂ ପ୍ରଧାନ ଶିକ୍ଷୟିତ୍ରୀ ଶର୍ମିଳା ଗିରି ଛାତ୍ରୀ ଲୋରାଙ୍କୁ ୧୦ ହଜାର ଟଙ୍କା ସହ ମାନପତ୍ର ପ୍ରଦାନ କରିଛନ୍ତି।

### ବିଦ୍ୟୁତ୍ କର୍ମଚାରୀଙ୍କୁ ମାଡ଼, ଜଣେ ଗିରଫ

**ପାଟଣା, ୨୦।୯(ସ୍ୱ.ପ୍ର.):** ପାଟଣା ଥାନା ସାହାରପଡା ବ୍ଲକ ବାଂଶନାଳି ଗ୍ରାମର ଜଣେ ଯୁବକଙ୍କୁ ସାହାରପଡ଼ା ଫାଣ୍ଡି ଅଧିକାରୀ ଅଶୋକ କୁମାର ପହି ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଗିରଫ ବ୍ୟକ୍ତି ହେଉଛନ୍ତି ଦର୍ଶନିଆ ବୁରୁଆଙ୍କ ପୁଅ ବିରସିଂ ବିରୁଆ। ମାଛଗଡ଼ ବଜାରରେ ଗତ ଜୁଲାଇ ୧୫ରେ ବିଦ୍ୟୁତ୍ କର୍ମଚାରୀ ମନୋଜ କୁମାର ମହାପାତ୍ରଙ୍କୁ ଆକ୍ରମଣ ହୋଇଥିଲା।

### ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ବାସଗୃହ ସମୀକ୍ଷା

**ହାଟଡିହୀ, ୨୦।୯(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ନୃସିଂହ ଚରଣ ସ୍ୱାଇଁ ବୁଧବାର ହାଟଡିହୀ ବ୍ଲକରେ ପହଞ୍ଚି ସରକାରୀ ବାସଗୃହର ସମୀକ୍ଷା କରିଛନ୍ତି। ଖଣି କ୍ଷତିଗ୍ରସ୍ତ ହଦଗଡ ଓ ବାଲିବରେଇ ପଞ୍ଚାୟତକୁ ଯାଇ ହିତାଧିକାରୀଙ୍କୁ ମିଳିଥିବା ଗୃହର ସ୍ଥିତି ବିଷୟରେ ଅନୁଧ୍ୟାନ କରିବା ସହ ଅସମ୍ପୂର୍ଣ୍ଣ ଘର ତୁରନ୍ତ ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ସ୍ୱାଇଁଙ୍କ ସହ ବିଡିଓ ଆନନ୍ଦ ଚନ୍ଦ୍ର ସେଠୀ, ଜିଆରଏସ ବିନୟ କୁମାର ମଲ୍ଲିକ, ପୂର୍ଣ୍ଣେନ୍ଦୁ ଥାଟୋଇ, ଗୋଲଖ ବିହାରୀ ନାୟକ, ଭିଏଲଡବ୍ଲ୍ୟୁ ବେଣୁଧର ପୂର୍ତ୍ତି, ରୁରାଲ ହାଉସିଂ ଏପିଡି ରଶ୍ମିରେଖା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ରୋଗୀଙ୍କୁ ମିଳୁନି ମାଗଣା ଔଷଧ

**କେନ୍ଦୁଝର, ୨୦।୯(ସ୍ୱ.ପ୍ର.)**

ଚମ୍ପୁଆ ବ୍ଲକ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସରକାରଙ୍କ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା (ଆରଏସବିୱାଇ) ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସକେୱାଇ) କାର୍ଯ୍ୟକାରୀ ହୋଇ ପାରୁନାହିଁ। କର୍ମଚାରୀ ଅଭାବରୁ ପ୍ରାୟ ୬ ମାସ ହେଲା ବନ୍ଦ ଥିବା ଉକ୍ତ ଯୋଜନା ପାଇଁ କର୍ମଚାରୀ ନିଯୁକ୍ତି ପାଇଥିଲେ ହେଁ ପାଖାପାଖି ୨୦ ଦିନ ହେଲା ଗରିବ ରୋଗୀ ଉକ୍ତ ଯୋଜନାରେ ମାଗଣା ଔଷଧ ଓ ସେବା ପାଉ ନ ଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୧୯୬୧ରେ ସ୍ଥାପିତ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଦୈନିକ ୬୦ରୁ ୭୦ ରୋଗୀ ଚିକିତ୍ସା ପାଇଁ ଆସିଥାନ୍ତି। ବିଶେଷ କରି ଉକ୍ତ ଅଞ୍ଚଳର ଗରିବ ଶ୍ରେଣୀର ରୋଗୀମାନେ ବେଶି ଉପକୃତ ହେଉଛନ୍ତି। ୧୬ ବେଡ ବିଶିଷ୍ଟ ଡାକ୍ତରଖାନାରେ ଦୈନିକ ପାଖାପାଖି ୪ରୁ ୫ ଜଣ ରୋଗୀ ଆଡ୍‌ମିଶନ ହୋଇଥାନ୍ତି। ଆଡ୍‌ମିଶନ ହେଉଥିବା ଗରିବ ରୋଗୀଙ୍କୁ ଉକ୍ତ ଯୋଜନାରେ ସମ୍ପୂର୍ଣ୍ଣ ମାଗଣା ଚିକିତ୍ସା ସେବା ବ୍ୟବସ୍ଥା ରହିଛି। ସ୍ୱାସ୍ଥ୍ୟ ବିଭାଗର ଅବହେଳା ଯୋଗୁ ରୋଗୀମାନେ ଉକ୍ତ ସେବା ପାଉନାହାନ୍ତି। ବାହାରୁ ଔଷଧ ଓ ବିଭିନ୍ନ ପରୀକ୍ଷା କରି ରୋଗୀ ଖର୍ଚ୍ଚାନ୍ତ ହେଉଥିବା ଅଭିଯୋଗ ହେଉଛି।

**ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**
- ବାହାରୁ ଔଷଧ କିଣିବାକୁ ପଡୁଛି
- ସ୍ୱାସ୍ଥ୍ୟ ବିଭାଗର ଅବହେଳା
- ଖର୍ଚ୍ଚାନ୍ତ ହେଉଛନ୍ତି ଲୋକେ

୨୦ ଦିନ ତଳେ ଅନ୍ୟ ଜଣେ କର୍ମଚାରୀ ନିଯୁକ୍ତି ପାଇଥିଲେ ହେଁ ଅଦ୍ୟାବଧି ରୋଗୀଙ୍କୁ ମାଗଣା ଔଷଧ ଓ ପରୀକ୍ଷା ଆଦି ସେବା ମିଳୁନାହିଁ। ବାହାରୁ ଦାମୀ ଔଷଧ କିଣି ଓ ଏକ୍ସ-ରେ, ପାଥୋଲୋଜି ପରୀକ୍ଷା କରି ବହୁ ଖର୍ଚ୍ଚାନ୍ତ ହେଉଥିବାରୁ ଅସନ୍ତୋଷ ବଢୁଛି। ଡାକ୍ତରଖାନା କର୍ତ୍ତୃପକ୍ଷ କିମ୍ବା ଜିଲା ସ୍ୱାସ୍ଥ୍ୟ ବିଭାଗ ଆନ୍ତରିକତା ପ୍ରଦର୍ଶନ କରୁ ନ ଥିବାରୁ ସେହି ଯୋଜନା ପ୍ରହସନରେ ପରିଣତ ହୋଇଛି। ନିରାମୟ ଯୋଜନାରେ ପର୍ଯ୍ୟାପ୍ତ ମେଡିସିନ ଯୋଗାଣ ହେଉ ନ ଥିବାରୁ ରୋଗୀମାନେ ମାଗଣା ଔଷଧ ପାଉନାହାନ୍ତି। ଏ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନଚାର୍ଜ ଡାକ୍ତର ଟୁକୁଚାନ୍ଦ ପାତ୍ରଙ୍କୁ ପଚାରିବାରୁ ଜଣେ କର୍ମଚାରୀ ପଳାଇଯିବାରୁ ଉକ୍ତ ଯୋଜନା କାର୍ଯ୍ୟକାରୀ ହୋଇ ପାରି ନ ଥିଲା। ଜଣେ କର୍ମଚାରୀ ନିଯୁକ୍ତି ପାଇଛନ୍ତି। ଏବେ ସେବା ଯୋଗାଇ ଦିଆଯିବ। ନିରାମୟ ଯୋଜନାରେ ଯେତିକି ମେଡିସିନ ଆସୁଛି ଯୋଗାଇ ଦିଆଯାଉଛି ବୋଲି ସେ କହିଛନ୍ତି।

# ବ୍ରହ୍ମକମଳ ଦେଖିବାକୁ ଭିଡ଼

**ଢେଙ୍କିକୋଟ, ୨୦।୯(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଘଟଗାଁ ବ୍ଲକ ଢେଙ୍କିକୋଟ ପଞ୍ଚାୟତ ଢେଙ୍କିକୋଟ ଗ୍ରାମର ମୋଟର ସାଇକେଲ ମିସ୍ତ୍ରୀ ସରୋଜ କୁମାର ମହାନ୍ତଙ୍କ ବଗିଚାରେ ବୁଧବାର ରାତିରେ ବ୍ରହ୍ମକମଳ ଫୁଲ ଫୁଟିଥିଲା। ଫୁଲ ଫୁଟିବା କଥା ପ୍ରଚାରିତ ହେବାକ୍ଷଣି ସରୋଜଙ୍କ ବଗିଚାରେ ଲୋକଙ୍କ ଭିଡ଼ ଜମିଥିଲା। ରାତି ୮ଟା ପରେ ଫୁଲ ଫୁଟିଥିବା ଦେଖିବାକୁ ମିଳିଥିଲା।



ଫୁଲ ପାଖରେ ସରୋଜ ମହାନ୍ତ।

# କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

**କେନ୍ଦୁଝର, ୨୦।୯(ସ୍ୱ.ପ୍ର.)**

ଭାରତୀୟ ଜନତା ପାର୍ଟି କେନ୍ଦୁଝର ନଗର ମଣ୍ଡଳ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। କେନ୍ଦୁଝର ଜିଲାରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପାଇଁ ଦାୟୀ କରି ତାଙ୍କ ଇସ୍ତଫା ଦାବି କରିବା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ହିଂସାକାଣ୍ଡ ସହ ପୋଲିସ ଉପରେ ଆକ୍ରମଣ ଘଟଣାରେ ମନ୍ତ୍ରୀଙ୍କ ପୁଅଙ୍କ ଗିରଫ ପରେ ଭାଜପା ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିବା ଜଣାପଡିଛି।




ଭାଜପା ପକ୍ଷରୁ ଶୋଭାଯାତ୍ରା କରାଯାଉଛି।

ଏକ ଶୋଭାଯାତ୍ରାରେ ଶହୀଦ ସଦନରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ନଗର ମଣ୍ଡଳ ସଭାପତି ଗୋପିନାଥ ରାମ, ସମ୍ପାଦକ ରାଠୋରଙ୍କ ନେତୃତ୍ୱରେ ବିରଜା ମିଶ୍ର, କିରଣବାଳା ନାୟକ, ସୁବ୍ରତ ମହାନ୍ତି, ବିଶ୍ୱଜିତ ତ୍ରିପାଠୀ, ପ୍ରକାଶ ମଲ୍ଲିକ, ବ୍ରଜ କିଶୋର ରାୟ, ଟୁକୁନା ମହାନ୍ତ, ସଞ୍ଜୟ ମହାନ୍ତି, ଦୁର୍ଗା ବାରିକ, ତପନ କୁମାର ଦାଶ, ମଞ୍ଜରୀ ମୁର୍ମୁ, ସନ୍ତୋଷ ବାରିକ, ଅଶ୍ୱିନୀ ରାୟ ପ୍ରମୁଖ ସାମିଲ ହୋଇଥିଲେ।

# ବୟସ ୬୬, ମିଳୁନି ଭତ୍ତା

**କୋଲିମାଟି, ୨୦।୯**

କୋଲିମାଟି ଆନନ୍ଦପୁର ବ୍ଲକ ଧକୋଠା ପଞ୍ଚାୟତ ବନ୍ଧ ଗ୍ରାମରେ ଜଣେ ବୃଦ୍ଧଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳୁନି। ସେ ହେଲେ ଅନାଦି ପାତ୍ର (୬୬)। ଆଜିକୁ ୬ ବର୍ଷ ଧରି ଭତ୍ତା ପାଇଁ ପଞ୍ଚାୟତଠାରୁ ଆରମ୍ଭ କରି ଆନନ୍ଦପୁର ବ୍ଲକ ପର୍ଯ୍ୟନ୍ତ ଆବେଦନ କରିଥିଲେ ହେଁ ଭତ୍ତା ମିଳିନି। ଶେଷରେ ସେ ବିଛଣାରେ ପଡିରହିଛନ୍ତି। ସେ ଚାଲିରେ କଷ୍ଟ ଅନୁଭବ କରୁଛନ୍ତି। ବିଛଣାରେ ପଡ଼ି ରହିଥିବାରୁ ତାଙ୍କୁ ସରକାରୀ ଭତ୍ତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



# ଚେଙ୍କ ନେଇ ଶିଶୁ ଗୁରୁତର

**କେନ୍ଦୁଝର, ୨୦।୯(ସ୍ୱ.ପ୍ର.)**

କିଛିମାସ ନୀରବତା ପରେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଚିକିତ୍ସା ପାଇଁ ପୁଣି ଜଣେ ଶିଶୁକୁ ଚେଙ୍କ ଦେବା ଘଟଣା ଲୋକଲୋଚନକୁ ଆସିଛି। ବାଂଶପାଳ ବ୍ଲକ କାଣ୍ଡିପାଣି ଗ୍ରାମର ଜଣେ ଜୁଆଙ୍ଗ ଦମ୍ପତିଙ୍କ ୧୫ ଦିନର ଶିଶୁ କନ୍ୟାର ପେଟ ବ୍ୟଥା ହୋଇଥିଲା। ଶିଶୁର ଜେଜେ ମା' ପାରମ୍ପରିକ ଚେଙ୍କ ଚିକିତ୍ସା କରିଥିଲେ। ଶିଶୁଙ୍କ ଦେହ ଖରାପ ହେବାରୁ ଗୁରୁବାର ଜିଲା ମୁଖ୍ୟ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଅଣାଯିବା ପରେ ଚେଙ୍କ ସ୍ଥାନ ଘା' ହୋଇଯାଇଥିବା ଡାକ୍ତର ଦେଖିବାକୁ ପାଇଲେ।

ଚିକିତ୍ସା ସମୟରେ ଶିଶୁର ପେଟରେ ୩ରୁ ୪ ସ୍ଥାନରେ ଚେଙ୍କ ଦାଗ ରହିଥିବା ଦେଖି ଡାକ୍ତର ସମ୍ପୃକ୍ତ ପରିବାର ଲୋକଙ୍କୁ ପଚାରିବାରୁ ପେଟରେ କଳା ଶିର ବାହାରିଥିବାରୁ ଚେଙ୍କ ଦେଇଥିଲୁ। ଥଣ୍ଡା ହେବାରୁ ଶିଶୁକୁ ଡାକ୍ତରଖାନା ଆଣିଥିବା ପରିବାର ଲୋକେ କହିଥିଲେ। ଶିଶୁର ଅବସ୍ଥା ଭଲ ଥିବା ଶିଶୁ ବିଶେଷଜ୍ଞ ଡାକ୍ତର କେ.ସି. ପୃଷ୍ଟି କହିଛନ୍ତି। ଏସ୍‌ଏନ୍‌ସିୟୁ ୱାର୍ଡରେ ରଖାଯାଇ ଚିକିତ୍ସା କରାଯାଉଛି।



ଚେଙ୍କ ନେଇ ଗୁରୁତର ହୋଇଥିବା ଶିଶୁ।

# ଆନ୍ତର୍ଜାତିକ ବଧିର ସପ୍ତାହ ପାଳନ ପ୍ରସ୍ତୁତି

**କେନ୍ଦୁଝର, ୨୦।୯ (ସ୍ୱ.ପ୍ର.)**

୨୫ ତାରିଖରେ ହେବାକୁ ଥିବା ୬୧ତମ ଆନ୍ତର୍ଜାତିକ ବଧିର ସପ୍ତାହ ପାଳନ ଉପଲକ୍ଷେ ପ୍ରସ୍ତୁତି ଆରମ୍ଭ ହୋଇଛି। ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମ ପାଇଁ ସହାୟତା ଦେବାକୁ କେନ୍ଦୁଝର ଜିଲା ମୂକ ଓ ବଧିର ସଂଘ ପକ୍ଷରୁ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଏ ନେଇ ମଙ୍ଗଳବାର ସେମାନେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

# ନିର୍ମାଣର ବର୍ଷେ ଗଲାନି ପୋଲ

**ରାଇସୁଆଁ, ୨୦।୯(ଡି.ଏନ.ଏ.)**

କେନ୍ଦୁଝର ଜିଲାରେ ପୋଲ ଏବଂ ରାସ୍ତା ନିର୍ମାଣରେ ଦୁର୍ନୀତି ହୋଇଥିବା ଅଭିଯୋଗ ହେଉଛି। ପୋଲ ଏବଂ ରାସ୍ତା ନିର୍ମାଣ ନିମ୍ନମାନର ହେଉଥିବାରୁ ବର୍ଷେ ନ ଯାଉଣୁ ଭାଙ୍ଗି ଯାଉଛି। ଏପରି ଏକ ଘଟଣା କେନ୍ଦୁଝର ଜିଲା ସଦର ବ୍ଲକ ନୂଆଗାଁ ପଞ୍ଚାୟତର ଭାଲୁପାଳ ଗ୍ରାମର ମାଛକାନ୍ଦଣା ନଦୀର ପୋଲରେ ଦେଖିବାକୁ ମିଳିଛି। ଉକ୍ତ ପୋଲ ରାସ୍ତା ଦେଇ ପ୍ରତିଦିନ ୫ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଯାତାୟାତ କରୁଛନ୍ତି। ପୋଲ ଉପରେ ରାଇସୁଆଁ, କାଦଗଡ଼, ଧାଡିକା, ନୂଆଗାଁ, ମହାଦେଇଯୋଡ଼ା, କେନ୍ଦୁପଶି ଆଦି ଗ୍ରାମର ଜନସାଧାରଣ ନିର୍ଭର କରନ୍ତି। ଏଥିପ୍ରତି ଜିଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ପୋଲର ନିର୍ମାଣ କରିବାକୁ ସାଧାରଣରେ ଦାବି ହୋଇଛି।



# ଲାଞ୍ଚ ନେବା ମହଙ୍ଗା ପଡ଼ିଲା

## ବନ୍ଧା ହେଲେ ପୋଲିସ ଏଏସ୍‌ଆଇ

**କେନ୍ଦୁଝର, ୨୦।୯(ସ୍ୱ.ପ୍ର.)**

ଦୁଇ ହଜାର ଟଙ୍କା ଲାଞ୍ଚ ନେବା ଜଣେ ପୋଲିସ ଏଏସ୍‌ଆଇଙ୍କୁ ମହଙ୍ଗା ପଡ଼ିଛି। କେନ୍ଦୁଝର ସଦର ଥାନା ଏଏସ୍‌ଆଇ ଗୌତମ ଦାସ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ପୋଲିସ ଦ୍ୱାରା ଜବତ ହୋଇଥିବା ଏକ ଗାଡ଼ିକୁ ଛାଡି ଦେବା ପାଇଁ ହୃଦାନନ୍ଦ ନାୟକ ନାମକ ଜଣେ ବ୍ୟକ୍ତିଙ୍କଠାରୁ ସେ ଟଙ୍କା ମାଗିଥିଲେ। ବିନା କାରଣରେ ଗାଡି ଜବତ କରାଯାଇଥିବାରୁ ହୃଦାନନ୍ଦ ଭିଜିଲାନ୍ସ ବିଭାଗର ସହାୟତା ଲୋଡିଥିଲେ।

କେନ୍ଦୁଝର ସହର ଟାଉନ ଥାନା ନିକଟରୁ ଗୁରୁବାର ଉକ୍ତ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ବିଭାଗ ପୋଲିସ ଗୌତମଙ୍କୁ ମାଡି ବସିଥିଲେ। ପ୍ରବଳ ବର୍ଷା ଯୋଗୁଁ ଭିଜିଲାନ୍ସ ବିଭାଗ ପୋଲିସ ବର୍ଷାରେ ଭିଜି ଅପେକ୍ଷା କରି ଧରିଥିଲେ। ତାଙ୍କଠାରୁ ଟଙ୍କା ଜବତ କରିବା ସହ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଭିଜିଲାନ୍ସ ଇନ୍ସପେକ୍ଟର ହେମାମାଳିନି ନାୟକ ସୂଚନା ଦେଇଛନ୍ତି।



ଧରାପଡିଥିବା ପୋଲିସ ଏଏସ୍‌ଆଇ ଗୌତମ ଦାସ।

# ମନ୍ତ୍ରୀଙ୍କ ଗାଡ଼ିକୁ ନେଇ ଚର୍ଚ୍ଚା

**କେନ୍ଦୁଝର, ୨୦।୯ (ସ୍ୱ.ପ୍ର.)**

ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କ ଗାଡ଼ି ଉପରକୁ ଢେଲା ମାଡ଼ ଘଟଣାକୁ ଅନେକ ନିନ୍ଦା କରିଛନ୍ତି। ଏ ନେଇ ଜିଲାରେ ବିଜେଡି କର୍ମୀ ଓ ନେତାମାନେ ରାଜରାସ୍ତାକୁ ଓହ୍ଲାଇଥିଲେ। ଏନ୍‌ଏଚ୍ ଅବରୋଧ ଓ ଥାନା ଘେରାଉ କଲେ। ମନ୍ତ୍ରୀ ବିନା ସୁରକ୍ଷା ବ୍ୟବସ୍ଥାରେ ଓ ସରକାରୀ ଗାଡିରେ କିପରି ଯାଉଥିଲେ ତାହାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ମନ୍ତ୍ରୀଙ୍କ ବ୍ୟକ୍ତିଗତ ସୁରକ୍ଷାକର୍ମୀଙ୍କ କ'ଣ ଭୂମିକା ରହିଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ମନ୍ତ୍ରୀ ଯାଉଥିବା ଗାଡିର ନମ୍ବରକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏ ନେଇ ପୋଲିସ ଖୋଳତାଡ଼ କରୁଛି। ଉକ୍ତ ଗାଡ଼ି ନମ୍ବର (ଓଡି୦୨ଏଏ/୫୮୫୭) ଜଣେ ବାଲି ବେପାରୀଙ୍କ ବୋଲି ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି। ସମ୍ପୃକ୍ତ ଗାଡ଼ିର ଇନସ୍ୟୁରାନ୍ସ ୮ ମାସ ହେଲା ସରିଯାଇଥିବା ଜଣାପଡିଛି। ଏଭଳି ଗାଡ଼ିରେ କିପରି ମନ୍ତ୍ରୀ ଯିବାଆସିବା କରୁଛନ୍ତି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିନା ପାଇଲଟିଂ ଗାଡି ଓ ସୁରକ୍ଷା ବ୍ୟବସ୍ଥାରେ ମନ୍ତ୍ରୀ ବେଲବାହାଳି ଭଳି ସମ୍ବେଦନଶୀଳ ଗ୍ରାମ ଦେଇ କିପରି ଯିବାଆସିବା କରୁଥିଲେ ବୋଲି ବୁଦ୍ଧିଜୀବୀଙ୍କ ମଧ୍ୟରେ ଆଲୋଚନା ହେଉଛି। ବେଲବାହାଳି ସେତୁକୁ ନେଇ ସ୍ଥାନୀୟ ଲୋକଙ୍କ ଆକ୍ରୋଶଭାବ ରହିଥିବା ସମସ୍ତେ ଜାଣିଛନ୍ତି। ସେହିପରି ସନାଙ୍କ ସମର୍ଥକ ସହ ମନ୍ତ୍ରୀଙ୍କ ସମର୍ଥକଙ୍କ ବିରୋଧରେ ସର୍ବଦା ବିବାଦ ଓ ହିଂସାକାଣ୍ଡ ଲାଗିରହିଛି। ଏଭଳି ଘଟଣାକୁ ନେଇ ଜିଲାରେ ରାଜନୀତି ସରଗରମ ହୋଇପଡୁଛି।

# ମହୁଲି ଜବତ, ୨ ଗିରଫ

**ପାଟଣା, ୨୦।୯(ସ୍ୱ.ପ୍ର.):** ପାଟଣା ଅବକାରୀ ବିଭାଗ ତୁରୁମୁଙ୍ଗା ଥାନାର ଚେମେଣା ଅଞ୍ଚଳରେ ଚଢ଼ାଉ କରି ୮୩ ଲିଟର ଦେଶୀ ମହୁଲି ମଦ ସହ ଏକ ବାଇକ୍ ଜବତ ହୋଇଛି। ଏଥିରେ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ବ୍ୟକ୍ତି ଦ୍ୱୟ ହେଲେ ଚେମେଣା ଗ୍ରାମର ପ୍ରଫୁଲ୍ଲ ଦାସ ଏବଂ ଖାରବେଡ଼ା ଗ୍ରାମର ଶରତ ଚନ୍ଦ୍ର ବାରିକ। ଉଭୟ ଏକ ବାଇକ୍‌ରେ ଦେଶୀ ମହୁଲି ମଦ ନେଇ ଯାଉଥିବା ବେଳେ ଚେମେଣା ନିକଟ ବାଘମରା ଗ୍ରାମରେ ଅବକାରୀ ବିଭାଗ ହାତରେ ସେମାନେ ଧରା ପଡ଼ିଥିଲେ ବୋଲିଅବକାରୀ ସବ୍‌ଇନ୍ସପେକ୍ଟର ଧନୁର୍ଜୟ ପାତ୍ର ସୂଚନା ଦେଇଛନ୍ତି।

# କେନ୍ଦ୍ରୀୟ ବିଦ୍ୟାଳୟ ଦାବିରେ କ୍ୟାଣ୍ଡେଲ ଶୋଭାଯାତ୍ରା

**ଆନନ୍ଦପୁର, ୨୦।୯(ସ୍ୱ.ପ୍ର.)**

କେନ୍ଦୁଝର ଜିଲାରେ ୩ଟି କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ନିମନ୍ତେ ମାର୍ଚ୍ଚ ୩୦ ତାରିଖରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେଥିମଧ୍ୟରୁ ଆନନ୍ଦପୁର ସ୍ଥାନିତ ହୋଇଥିବା ସ୍ଥଳେ ଏଥିପାଇଁ ଜାଗା ଚିହ୍ନଟ ପ୍ରକ୍ରିୟା ହୋଇଥିଲା। ପଟ୍ଟା ପାଇଁ ଆବେଦନ ପ୍ରକ୍ରିୟା ଶେଷ ହୋଇଥିଲା। ଏହା ସହ ଅସ୍ଥାୟୀ ଭାବେ ୨୦୧୭-୧୮ରେ କେନ୍ଦ୍ରୀୟ ବିଦ୍ୟାଳୟ କାର୍ଯ୍ୟକରିବା ନିମନ୍ତେ ବ୍ରଜବନ୍ଧୁ ବିଦ୍ୟାପୀଠର ଏକ ଦୁଇ ମହଲା ବିଶିଷ୍ଟ ସ୍କୁଲ ଘରକୁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନବୀକରଣ କରାଯାଇ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ଆନନ୍ଦପୁର ସମେତ ଜିଲାର ୩ଟି କେନ୍ଦ୍ରୀୟ ବିଦ୍ୟାଳୟକୁ ବିହାରକୁ ସ୍ଥାନାନ୍ତର କରିନେବା ପ୍ରତିବାଦରେ ଆନନ୍ଦପୁର ଅଞ୍ଚଳର ବହୁ ସମାଜସେବୀ, ବୁଦ୍ଧିଜୀବୀ ଓ ଯୁବ ଗୋଷ୍ଠୀ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରିଥିଲେ। କ୍ୟାଣ୍ଡେଲ ଶୋଭାଯାତ୍ରା ଆନନ୍ଦପୁର ଶ୍ରୀଶ୍ରୀ ଦଧିବାମନଜୀଉ ମନ୍ଦିର ପ୍ରାଙ୍ଗଣରୁ ବାହାରି ସହର ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ ମା' ଧନେଇ କମିଟି ସଭାପତି ବିଜୟ ମିଶ୍ର, ସମାଜସେବୀ ଶୈଳେଶ ପଟ୍ଟନାୟକଙ୍କ ନେତୃତ୍ୱରେ ବହୁ ସମାଜସେବୀ, ବୁଦ୍ଧିଜୀବୀ ଓ ଯୁବଗୋଷ୍ଠୀ ସାମିଲ ହୋଇଥିଲେ।




କ୍ୟାଣ୍ଡେଲ ଶୋଭାଯାତ୍ରାରେ ସାମିଲ ଲୋକେ।

# ଅର୍ଜୁନ ଗଛ ବନୀକରଣରେ ଅନିୟମିତତା

**ଝୁମ୍ପୁରା, ୨୦।୯(ଡି.ଏନ.ଏ.)**

ଚାଷୀ ଓ ଚାଷର ଉନ୍ନତି ପାଇଁ ସରକାରଙ୍କ ବହୁ ଯୋଜନା ରହିଛି। ରବି, ଖରିଫ ଫସଲ ପାଇଁ ବିଭିନ୍ନ ଯୋଜନାରେ ଚାଷୀଙ୍କୁ ଅନୁଦାନ ସହ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ଦୀର୍ଘ ମିଆଦୀ ସୂତ୍ରରେ ଚାଷୀଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଆମ୍ବ, ଅମୃତ ଭଣ୍ଡା, ବିଭିନ୍ନ ଉଦ୍ୟାନ ଭିତିକ ବନୀକରଣ କରାଯାଉଛି। ଶାଗୁଆନ, ଟସର ଚାଷ ପାଇଁ ଅର୍ଜୁନ, ଅସନ ଗଛର ବନୀକରଣ କରାଯାଉଛି। ଏହି ବନୀକରଣରେ ଦୁର୍ନୀତି ହେଉଥିବା ଅଭିଯୋଗ ଜିଲା ପ୍ରଶାସନ ନିକଟରେ ହୋଇଛି। ମାତ୍ର ତଦନ୍ତ କରାଯାଉନି। ବିଭାଗୀୟ ଅଧିକାରୀମାନଙ୍କୁ ତାଗିଦ କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଉଦ୍ୟାନ, ବନ, ସେରିକଲଚର ବିଭାଗ ଗୁଡିକ ଦ୍ୱାରା ଦୀର୍ଘ ମିଆଦି ବନୀକରଣ କାର୍ଯ୍ୟ ଚାଲିଛି। ଟସର ଚାଷୀଙ୍କୁ ସ୍ୱାବଲମ୍ବୀ କରାଇବାକୁ ସରକାରୀ ଯୋଜନାରେ ସେରିକଲଚର ବିଭାଗ ଦ୍ୱାରା ଝୁମ୍ପୁରା ବ୍ଲକ ବଡନେଉଳି ପଞ୍ଚାୟତର ପାଣପଶି ଓ ସାନନେଉଳି ଗ୍ରାମରେ ଅର୍ଜୁନ ଗଛର ବନୀକରଣ କରାଯାଇଛି। ଅର୍ଜୁନ ଗଛରେ ଟସର ପୋକ ଭଲ ବଢୁଥିବା ସହ କୋଷା ଭଲ ବାନ୍ଧୁ ଥିବାରୁ ଟସର ଚାଷୀଙ୍କ ପାଇଁ ବନୀକରଣ ଆବଶ୍ୟକତା ରହିଛି। ପାଣପଶି, ସାନନେଉଳି ଗ୍ରାମରେ ଅର୍ଜୁନ ଗଛର ଚାରା ରୋପଣରେ ବ୍ୟାପକ ଅନିୟମିତତା ହୋଇଥିବା ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗର ୩ ମାସ ବିତିଲାଣି। ପ୍ରଶାସନ ପକ୍ଷରୁ ଅଦ୍ୟାବଧି ତଦନ୍ତ କରାଯାଉନି।

**ମରିଯାଉଛି ଚାରା**
- ଶାଗ କିଆରି ଭଳି ଲଗାଯାଉଛି
- ସାର, କୀଟନାଶକ ଦିଆଯାଉନି
- ଚାଷଜମିରେ ପାଣି ଟ୍ରେଞ୍ଚ ନାହିଁ



ଅର୍ଜୁନ ଗଛ ଲାଗିଥିବା ସ୍ଥାନ।

ପାଣପଶି ଓ ସାନନେଉଳିରେ ସମୁଦାୟ ୩୦ ହେକ୍ଟର ଜମିରେ ଅର୍ଜୁନ ଗଛର ବନୀକରଣ କରାଯାଇଛି। ବନୀକରଣରେ ସମୁଦାୟ ୫୬ ହଜାର ଅର୍ଜୁନ ଗଛର ଚାରା ରୋପଣ କରାଯାଇଥିବା କୁହାଯାଉଛି। ୨୦୧୭-୧୮ ଆର୍ଥିକ ବର୍ଷରେ ପାଣପଶି ଗ୍ରାମ ବନୀକରଣ ପାଇଁ ୧୨ ଲକ୍ଷରୁ ଊର୍ଦ୍ଧ୍ୱ ଏବଂ ସାନନେଉଳି ବନୀକରଣ ପାଇଁ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦ ହୋଇଛି। ସୂଚନା ଫଳକ ନ ଥିବାରୁ ଠିକ ତଥ୍ୟ ମିଳି ପାରିନାହିଁ। ଚାରା ରୋପଣ ନିର୍ଦ୍ଦିଷ୍ଟ ଦୂରତାରେ ରହିବା କଥା। ପୁଣି ଚାରା ପୋତା ଗଲା ବେଳେ ଗାତ କରି ବାୟ ଫର୍ଟିଲାଇଜର ସହ ଔଷଧ ଦେଇ ଚାରା ରୋପଣ କରିବା କଥା। ତାହା କରାଯାଇ ନ ଥିବା ଅଭିଯୋଗ ହୋଇଛି। ପ୍ରତ୍ୟେକ ଚାରା ରୋପଣରେ ଗଛର ଦୂରତା ୪ ଫୁଟରୁ ୬ ଫୁଟ ବ୍ୟବଧାନ ରହିବା ନିୟମ ରହିଥିଲେ ହେଁ ଶାଗ କିଆରି ଭଳି ଚାରା ଗଛ ଲଗାଯାଇଛି। କେବଳ କୋଦାଳରେ ଟିକିଏ ମାଟି ଉଠାଇ ଦେଇ ଚାରା ଗଛ ପୋତା ଯାଇଛି। ଚାରା ରୋପଣକୁ ୧ ବର୍ଷ ବିତିଲାଣି। ଚାରା ଗଛ ବଞ୍ଚି ରହିବା ବଦଳରେ ମରିଯାଇଥିବା ଦେଖାଯାଇଛି। ଔଷଧ ସ୍ପ୍ରେ କରାଯାଉ ନ ଥିବାରୁ ଗଛରେ ପୋକ ଲାଗିଲେଣି। ଶ୍ରମ ଭିତିକ କାମ ଠିକାରେ ଦିଆଯାଇ ଭତ୍ତା ପାଉଥିବା ବ୍ୟକ୍ତି, ରୋଗାକ୍ରାନ୍ତ ବ୍ୟକ୍ତି ବିଶେଷଙ୍କ ନାମରେ ମଷ୍ଟରରୋଲ ପ୍ରସ୍ତୁତ ହେଉଥିବା ନେଇ ଅଭିଯୋଗ ହୋଇଛି। ବନୀକରଣ ପରିସରରେ ବର୍ଷା ଜଳ ଧରି ରଖିବା ପାଇଁ ଛୋଟ ଟ୍ରେଞ୍ଚ ଖୋଳାଯିବାର ନିୟମ ରହିଥିଲେ ହେଁ ତାହା ହୋଇ ନ ଥିବା ଜଣାଯାଇଛି। ୨୦ ବର୍ଷ ହେଲା ଉକ୍ତ ଅଞ୍ଚଳରେ ଟସର ଚାଷ ବନ୍ଦ ହୋଇଯାଇଥିବା ସୁଜନ ମୁଣ୍ଡା କହିଛନ୍ତି। ୧୮ ନଂ ଜିଲା ପରିଷଦ ସଦସ୍ୟା ବିଜୟଲକ୍ଷ୍ମୀ ମହାନ୍ତ ଏବଂ ୧୭ ନଂ ଜିଲା ପରିଷଦ ସଦସ୍ୟ ଅନୁବ୍ରତ ବେହେରା ଜିଲା ପରିଷଦ ବୈଠକରେ ଅନିୟମିତତାର ତଦନ୍ତ ଦାବି କରିବେ ବୋଲି କହିଛନ୍ତି। ବନୀକରଣ ଦାୟିତ୍ୱରେ ଥିବା ସେରିକଲଚର ଅଧିକାରୀ ସଦାନନ୍ଦ ବେହେରାଙ୍କୁ ପଚାରିବାରୁ କେବଳ ଟ୍ରେଞ୍ଚ ଖୋଳା ଯାଇନାହିଁ। ଅଳ୍ପ କିଛି ଗଛ ମରିଯାଇଛି। ଗଛ ଗୁଡିକରେ ଔଷଧ ସ୍ପ୍ରେ କରାଯିବ ବୋଲି ସେ କହିଛନ୍ତି। କେନ୍ଦୁଝରସ୍ଥିତ ସେରିକଲଚର ବିଭାଗର ଉପ ନିର୍ଦ୍ଦେଶକ ଲକ୍ଷ୍ମଣ ମୁଣ୍ଡା ମଧ୍ୟ ସଦାନନ୍ଦଙ୍କ କଥାକୁ ଦୋହରାଇଥିଲେ।

# ଉତ୍ତର ବାଲେଶ୍ୱରରେ ଝଡ଼ବର୍ଷା

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ balasoreselfie@gmail.com ରେ ଆମର ସେଲ୍ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

- ବହୁ ଅଞ୍ଚଳ ଜଳାର୍ଣ୍ଣବ, ବ୍ୟାପକ କ୍ଷୟକ୍ଷତି, ଜୀବନଯାତ୍ରା ବ୍ୟାହତ
- ଭୋଗରାଇ ଅଞ୍ଚଳରେ ବିପନ୍ନଙ୍କୁ ଆଶ୍ରୟସ୍ଥଳକୁ ନିଆଗଲା
- ତୁହାକୁ ତୁହା ବର୍ଷା ସାଙ୍ଗକୁ ସମୁଦ୍ରକୂଳରେ ଜୁଆରମାଡ଼
- ଦୀଘା, ଉଦୟପୁର, ତାଳସାରୀ, ଡଗରା ବେଳାଭୂମିରେ ସତର୍କ ସୂଚନା

ଭୋଗରାଇ, ୨୦।୯(ଡି.ଏନ.ଏ.)

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଘନୀଭୂତ ହୋଇ ବାତ୍ୟା ରୂପ ନେଇଛି। ଏହାର ପ୍ରଭାବରେ ଉତ୍ତର ବାଲେଶ୍ୱରରେ ଗୁରୁବାର ଅପରାହ୍ନରୁ ଅବିଶ୍ରାନ୍ତ ବର୍ଷା ଲାଗି ରହିଛି। ଭୋଗରାଇର ଉପକୂଳବର୍ତ୍ତୀ ଖାଲୁଆ ଅଞ୍ଚଳ ଜଳାର୍ଣ୍ଣବ ହୋଇପଡିଛି। ଦୁଇ ଦିନ ଧରି ବର୍ଷା ଲାଗି ରହିଥିବାରୁ ଜୀବନଯାତ୍ରା ପ୍ରଭାବିତ ହୋଇଛି। ସମୁଦ୍ର ଅଶାନ୍ତ ଥିବା ବେଳେ ପବନର ବେଗ ବୃଦ୍ଧି ଅଞ୍ଚଳବାସୀ ଆଶଙ୍କିତ କରିଛି। ଜଳମଗ୍ନ ହୋଇପଡିଥିବା ଖାଲୁଆ ଅଞ୍ଚଳରୁ ବିପନ୍ନଙ୍କୁ ପ୍ରଶାସନ ଉଦ୍ଧାର କରି ଅସ୍ଥାୟୀ ଆଶ୍ରୟସ୍ଥଳୀରେ ରଖିଥିବା ସୂଚନା ମିଳିଛି। ଝଡ଼ବର୍ଷା ଯୋଗୁ ବିଭିନ୍ନ ସ୍ଥାନରେ ଅନେକ ନଡ଼ାଛପର ଘର ଭାଙ୍ଗିରୁଜି ଯାଇଥିବା ଖବର ମିଳିଛି। ସତର୍କତା ବ୍ୟବସ୍ଥା ସ୍ୱରୂପ ଦୀଘା, ମନ୍ଦାରମଣୀ, ଶଙ୍କରପୁର, ଉଦୟପୁର, ତାଳସାରୀ, ଡଗରା ବେଳାଭୂମି ନିକଟ ସମୁଦ୍ରକୁ ନ ଯିବା ସକାଶେ ପର୍ଯ୍ୟଟକମାନଙ୍କୁ ତାଗିଦ୍ କରାଯାଇଛି।

ଭୋଗରାଇରେ ଗୁରୁବାର ସକାଳ ୮ଟା ସୁଦ୍ଧା ୧୨୫.୨ମି.ମି. ସର୍ବାଧିକ ବର୍ଷା ହୋଇଥିବା ବେଳେ ବାଲିଆପାଳରେ ୧୧୪ମି.ମି., ବସ୍ତାରେ ୫୧ମି.ମି., ଜଳେଶ୍ୱରରେ ୪୪ମି.ମି. ବର୍ଷା ହୋଇଥିବାର ରେକର୍ଡ଼ କରାଯାଇଛି। ଭୋଗରାଇ ସମେତ ଉତ୍ତରବାଲେଶ୍ୱରର ବହୁ ତଳିଆ ଗ୍ରାମଗୁଡ଼ିକରେ ବର୍ଷା ପାଣି ଲହଡ଼ି ଭାଙ୍ଗୁଥିବା ବେଳେ ନଡ଼ା ଛପର ମାଟିକାନ୍ଥ ବର୍ଷା ମାଡ଼ ଖାଇ ଭୁଶୁଡ଼ି ପଡ଼ିଛି। ଭୋଗରାଇର ଝାଡ଼ସିମୁଳିଆ ଗ୍ରାମର ରାଧାଶ୍ୟାମ ଦେ, ସୁବୋଧ ନାୟକ, ସନ୍ଧ୍ୟାରାଣୀ ପାତ୍ର, ରବୀନ୍ଦ୍ର ମହାନ୍ତି, ରାଇପୁର ଗ୍ରାମର ବିନୟ ବେଜ, ରବୀନ୍ଦ୍ର ତୋଳାଙ୍କ ମାଟି କାନ୍ଥ ଘର ଭୁଷୁଡ଼ି ପଡ଼ିଛି। ଏହି ନିରାଶ୍ରୟ ପରିବାରଙ୍କୁ ଝାଡ଼ସିମୁଳିଆ ପ୍ରାଥମିକ ବିଦ୍ୟାଳୟରେ ଆଶ୍ରୟ ଦିଆଯାଇ ମାଗଣା ଖାଦ୍ୟ ଯୋଗାଇ ଦିଆଯାଉଛି। ସହୋରିଆ ପଞ୍ଚାୟତର ସମିତି ସଦସ୍ୟ ଈଶାନ ଗିରି, ସରପଞ୍ଚ ରେଣୁକା ମଣ୍ଡଳ ଓ ପୁରୁଷୋତ୍ତମପୁର ସେବା ସମବାୟ ସମିତିର ସଭାପତି ହରିହର ମଣ୍ଡଳ ବିପନ୍ନ ପରିବାରଙ୍କୁ ସହାୟତା ଯୋଗାଇଦେବା ପାଇଁ ପ୍ରଶାସନଠାରେ ଦାବି କରିଛନ୍ତି। ଝାଡ଼ସିମୁଳିଆ ଗ୍ରାମର ବିପନ୍ନଙ୍କୁ ପଲିଥିନ ଓ ମାଗଣା ଖାଦ୍ୟ ଦିଆଯାଉଛି ବୋଲି ବିଡ଼ିଓ ଦୀପ୍ତିରଞ୍ଜନ ସେଠୀ ଓ ବ୍ଲକ ଚେୟାରମ୍ୟାନ ମଞ୍ଜୁରାଣୀ ବେହେରା ସୂଚନା ଦେଇଛନ୍ତି।



ପ୍ରବଳ ବର୍ଷାରେ ସୋହରିଆ ପଞ୍ଚାୟତର ଝାଡ଼ସିମୁଳିଆ ଗ୍ରାମର ବିପନ୍ନ ପରିବାର।

## ସେଲ୍ଫି କର୍ନର



@ ସତ୍ୟ



@ ଟିପୋ

**ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)

## ପଦାର୍ଥ ବିଜ୍ଞାନ ବିଭାଗର ସେମିନାର

ଆନନ୍ଦପୁର,୨୦।୯(ସ୍ୱ.ପ୍ର.)

ଆନନ୍ଦପୁର ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗର ସେମିନାର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ. ଦିଲୀପ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ରମାକାନ୍ତ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମହର୍ଷି କଲେଜ ନ୍ୟାଚୁରାଲ ବିଭାଗୀୟ ମୁଖ୍ୟ ରାଜକିଶୋର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଆଧୁନିକ ଯୁଗରେ ବିଭିନ୍ନ ପଦାର୍ଥର ଭୌତିକ ଧର୍ମ ତଥା ଅଲୌକିକ ଗୁଣଗୁଡିକ ସମ୍ପର୍କରେ ଆଲୋଚନା କରି ଛାତ୍ରୀଛାତ୍ରଙ୍କୁ ଗବେଷଣାମୂଳକ ମନୋଭାବ ଜାଗ୍ରତ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ବରିଷ୍ଠ ଅଧ୍ୟାପକ ଶକ୍ତି ପ୍ରସାଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ତାପସ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ସେମିନାର ସମ୍ପାଦିକା ପ୍ରଜ୍ଞା ପାରମିତା ଜେନା ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ବିଶ୍ୱଜିତ୍ ରାଉତ ଓ ଦିବ୍ୟଲୋଚନ ସାହୁ, ପ୍ରୀତିରେଖା ସାହୁ, ପ୍ରସନ୍ନା ପଟ୍ଟନାୟକ, ଶ୍ରଦ୍ଧାଞ୍ଜଳି ପୃଷ୍ଟି, ଶୁଭଶ୍ରୀ ସାହୁ, ରାଜ ସାହୁ, ସୌରକାନ୍ତ କର, ସତ୍ୟବ୍ରତ ସାହୁ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ। ଉତ୍ସବରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକ ଓ ବିଭାଗୀୟ ଛାତ୍ରୀଛାତ୍ର ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ବିକାଶ ମଞ୍ଚର ଧାରଣା ପ୍ରତ୍ୟାହୃତ

ହାଟଡ଼ିହୀ, ୨୦।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ ବିକାଶ ମଞ୍ଚ ପକ୍ଷରୁ ଅଞ୍ଚଳର ଉନ୍ନୟନ ପାଇଁ ବିଭିନ୍ନ ଦାବିରେ ମଙ୍ଗଳବାରଠାରୁ ଦିଆଯାଇଥିବା ଧାରଣା ପ୍ରତିଶ୍ରୁତି ମିଳିବା ପରେ ପ୍ରତ୍ୟାହୃତ ହୋଇଛି। ହାଟଡିହୀରେ ଜେଏମଏଫସି କୋର୍ଟ ଖୋଲିବାରେ ବିଳମ୍ବ, ହାଟଡିହୀ ଡାକ୍ତରଖାନାର ଡାକ୍ତର ନିଯୁକ୍ତି, ଭଦ୍ରକ-ଆନନ୍ଦପୁର ୫୩ ନଂ. ରାଜ୍ୟ ରାଜପଥର ହାଟଡିହୀ ମେଡିକାଲ ଛକର ରାସ୍ତା ନିର୍ମାଣ, ହାଟଡିହୀକୁ ବିଦ୍ୟୁତ୍ କାର୍ଯ୍ୟାଳୟ ସ୍ଥାନାନ୍ତର ଦାବିରେ ଧାରଣା ଆରମ୍ଭ ହୋଇଥିଲା। ଆନନ୍ଦପୁର ଉପଜିଲାପାଳ ରବିନାରାୟଣ ସାହୁ, ହାଟଡିହୀ ତହସିଲଦାର ଗାୟତ୍ରୀ ସୋରେନ, ଅତିରିକ୍ତ ତହସିଲଦାର ଦୀପ ଟେଟେ ପ୍ରମୁଖ ଧାରଣାସ୍ଥଳରେ ପହଞ୍ଚି ହାଟଡିହୀ ଡାକ୍ତରଖାନା ପାଇଁ ଜଣେ ଡାକ୍ତରଙ୍କୁ ନିଯୁକ୍ତି ଦେବା ସମ୍ପର୍କରେ ତଥ୍ୟ ପ୍ରଦାନ କରିବା ସହ ଆଗାମୀ ୧୫ ଦିନ ମଧ୍ୟରେ ଅନ୍ୟ ଦାବିଗୁଡିକ ପୂରଣ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ବିକାଶ ମଞ୍ଚର ସଭାପତି ନିତ୍ୟାନନ୍ଦ ପହିଙ୍କ ପରାମର୍ଶରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ବିଶ୍ୱକର୍ମା ଭସାଣିରେ ମାର୍‌ପିଟ୍, ୩ ଗିରଫ

ଯୋଡ଼ା, ୨୦।୯(ଡି.ଏନ.ଏ.)

ବାମେବାରୀ ଥାନା ଉଚ୍ଚବାଲି ଗ୍ରାମରେ ବୁଧବାର ବିଶ୍ୱକର୍ମା ଭସାଣି ବେଳେ ମାର୍‌ପିଟ୍ ହୋଇଥିଲା। ଉକ୍ତ ଘଟଣାରେ ଅରୁଣ ମୁଣ୍ଡା, କ୍ଷିରୋଦ ମହାକୁଡ଼ ଓ ଚୌଧୁରି ବାରିକଙ୍କୁ ପୋଲିସ ଗିରଫ କରିଛି। ଭସାଣି ବେଳେ ଉକ୍ତ ରାସ୍ତାରେ ଏକ କମ୍ପାନୀର ବୋଲେରୋ (ନଂ.ଓଡି୦୯ବି-୫୦୯୯)ର ଡ୍ରାଇଭର ଅନିଲ କୁମାର ସାହୁଙ୍କୁ କେତେକ ଲୋକ ମାର୍‌ପିଟ୍ କରିଥିଲେ। ଗିରଫ ପରେ ଗ୍ରାମବାସୀ ପୋଲିସର ମିଥ୍ୟା ମାମଲା ବୋଲି ଅଭିଯୋଗ କରିଛନ୍ତି। ଗିରଫମାନଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି।

## ସଂକ୍ଷେପରେ

### କମାଣ୍ଡର ଧକ୍କାରେ ଜଣେ ମୃତ

**ଯୋଡ଼ା, ୨୦।୯(ଡି.ଏନ.ଏ.):** ବାମେବାରୀ ଥାନା ଧାତିକା ଛକଠାରେ ଏକ କମାଣ୍ଡର ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଆହତ ହୋଇଛନ୍ତି। ମୃତକ ଜଣଙ୍କ ହେଲେ ଦାମୋଦର ମୁଣ୍ଡା। ଆହତମାନେ ହେଲେ ବ୍ରାହ୍ମଣୀଝରୀ ଗ୍ରାମର ନନ୍ଦିକା ମୁଣ୍ଡା ଓ ମଙ୍ଗୁଳି ମୁଣ୍ଡା। ବୁଧବାର ସନ୍ଧ୍ୟାରେ ଧାତିକା ଛକଠାରେ ବ୍ରାହ୍ମଣୀଝରୀ ଗ୍ରାମର ଦାମୋଦର, ନନ୍ଦିକା ଓ ମଙ୍ଗୁଳି ରାସ୍ତାରେ ଯାଉଥିଲେ। ସେହି ସମୟରେ କମାଣ୍ଡର (ନଂ.ଓଆର୧୧ଏ ୪୨୭୫) ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଦାମୋଦରଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଅନ୍ୟ ୨ ଜଣ ଆହତ ହୋଇଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ. ୧୨୨/୧୮) ରୁଜୁ ହୋଇଛି।

### ସୁଆମ ଶାସନରେ ହରିହାଟ



**ପାଟଣା, ୨୦।୯(ସ୍ୱ.ପ୍ର.):** ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ସୁଆମ ଶାସନରେ ପ୍ରତିବର୍ଷ ଭଳି ଗୁରୁବାର ପବିତ୍ର ଭାଦ୍ରବ ମାସ ଶୁକ୍ଳପକ୍ଷ ବଡ଼ ଏକାଦଶୀ ତିଥିରେ ସୋମେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ହରିହାଟ ଅନୁଷ୍ଠିତ ହୋଇଛି। ସାମୂହିକ ବେଦପାଠ, ସମଗ୍ର ଭାଗବତ, ଗୀତା ଆବୃତ୍ତି ଓ ଅଷ୍ଟାଦଶ ପୁରାଣ ପଠନ ସହ ହୋମ ଯଜ୍ଞ ହୋଇଥିଲା। ପୂଜକ ଭାବେ ଅଲେଖ ଚନ୍ଦ୍ର ତ୍ରିପାଠୀ ଓ ଗୌର ଚନ୍ଦ୍ର ତ୍ରିପାଠୀ ଯଜ୍ଞ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଅଜିତ ଦାଶ ଓ ସୁମିତ ପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରୀନିବାଶ ଶତପଥୀ, ବୀର ମୋହନ ଦ୍ୱିବେଦୀ, ସୌମ୍ୟରଞ୍ଜନ ଦାଶ, ତରୁଣ ତ୍ରିପାଠୀ, ଦୈତାରୀ ଶତପଥୀ, ଭାଗୀରଥି ଦାଶ, ଲୋକନାଥ ମିଶ୍ର, ଅମରେନ୍ଦ୍ର ମିଶ୍ର, ଗିରିଜା ଶଙ୍କର ମିଶ୍ର, ସୁଶାନ୍ତ ଦାଶ, ଜିତେନ୍ଦ୍ର ମିଶ୍ର, ଗୌରୀ ରଞ୍ଜନ ମିଶ୍ର ପ୍ରମୁଖ ଏକକାଳୀନ ଅନବରତ ଭାବେ ପୁରାଣ ଆବୃତ୍ତି କରିଥିଲେ।

## ଦିବ୍ୟାଙ୍ଗ ଶିଶୁଙ୍କୁ ନେଇ ଚିନ୍ତାରେ ଦମ୍ପତି

ରାଇସୁଆଁ, ୨୦।୯(ଡି.ଏନ.ଏ.)

ଦିବ୍ୟାଙ୍ଗ ଶିଶୁ ଏବଂ ପ୍ରସୂତି ମହିଳାଙ୍କ ଚିକିତ୍ସା ମାଗଣା ଚିକିତ୍ସା ବ୍ୟବସ୍ଥା ଥିବାବେଳେ ପ୍ରଶାସନିକ ଉଦାସୀନତାରୁ ତାହା ଫଳପ୍ରଦ ହୋଇପାରୁନି। ବହୁ ଦିବ୍ୟାଙ୍ଗ ଶିଶୁ ସରକାରଙ୍କ ସହାୟତାରୁ ବଞ୍ଚିତ ହେଉଛନ୍ତି। ଏହିପରି ଘଟଣା କେନ୍ଦୁଝର ଜିଲା ସଦର ବ୍ଲକ ବରଦାପାଳ ପଞ୍ଚାୟତ ରୁଗୁଡି ସାହିର ଦରବ ମୁଣ୍ଡା ଏବଂ ସାଇବାଣୀ ମୁଣ୍ଡାଙ୍କ ୧ ବର୍ଷର ଶିଶୁଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ସଚେତନତା ଏବଂ ଶିକ୍ଷାର ଅଭାବ ଯୋଗୁଁ ଦମ୍ପତି ଅଳ୍ପ ବୟସରୁ ବିବାହ କରିଥିଲେ। ଦମ୍ପତିଙ୍କ ଏକ ଦିବ୍ୟାଙ୍ଗ ସନ୍ତାନ ରହିଛି। ସେ ଦୃଷ୍ଟି ଶକ୍ତି ହରାଇ ବସିଛନ୍ତି। ଏ ନେଇ ଆଶାକର୍ମୀଙ୍କୁ ଜଣାଇବା ପରେ ଶିଶୁଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ କଟକ ବଡ ଡାକ୍ତରଖାନକୁ ନେବାକୁ କହିଥିଲେ। ସରକାରଙ୍କ ତରଫରୁ ଚିକିତ୍ସା ଯୋଗାଇ ଦିଆଯିବ ବୋଲି ଡାକ୍ତରଖାନା ପକ୍ଷରୁ କୁହାଯାଇଥିଲା। ଅଦ୍ୟାବଧି ସରକାରଙ୍କ ତରଫରୁ କୌଣସି ସହାୟତା ଯୋଗାଇ ନ ଦେବାରୁ ଶିଶୁଙ୍କୁ ନେଇ ଗରିବ ଦମ୍ପତି ଚିନ୍ତାରେ ରହିଛନ୍ତି।

ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ସଞ୍ଜୟ ସାହୁ କହିଛନ୍ତି, ଉକ୍ତ ଅଞ୍ଚଳ ଗୁଡିକରେ ସଚେତନତା ଅଭାବ ଏବଂ ସ୍ୱାସ୍ଥ୍ୟସେବା ଅପହଞ୍ଚ ହୋଇପଡ଼ିଛି। ବହୁ ନାବାଳିକା ବିବାହ କରୁଛନ୍ତି। ବହୁ ଶିଶୁ ଅପପୁଷ୍ଟିର ଶିକାର ହେଉଛନ୍ତି।



ବାପାଙ୍କ କୋଳରେ ଶୋଇଥିବା ଶିଶୁ।

## ବ୍ଲକସ୍ତରୀୟ ହିନ୍ଦୀ ଦିବସ ପାଳିତ



ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

ହାଟଡିହୀ/ତେଲକୋଇ, ୨୦।୯(ସ୍ୱ.ପ୍ର.)

ହାଟଡିହୀ ହିନ୍ଦୀ ଶିକ୍ଷକ ସଂଘ ତରଫରୁ ଶାଳଣିଆ ହାଇସ୍କୁଲରେ ହିନ୍ଦୀ ଦିବସ ମହାସମାରୋହ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ କଳିଙ୍ଗା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରତ୍ନାକର ପଣ୍ଡା, ମୁଖ୍ୟବକ୍ତା ଶେଣ୍ଢତୀରା ଉଚ୍ଚ ବିଦ୍ୟାଳୟ ଭଦ୍ରକର ଶ୍ରୀକାନ୍ତ କୁମାର ପଣ୍ଡା ଯୋଗ ଦେଇଥିଲେ। ହିନ୍ଦୀ ଭାଷାର ପ୍ରଚାର ପ୍ରସାରକୁ ଆଗେଇ ନେବା ପାଇଁ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ହିନ୍ଦୀ ଶିକ୍ଷକ ରାଧାକାନ୍ତ ନାୟକ ସଞ୍ଚାଳନ କରିଥିଲେ। ସଂଘର ସଭାପତି ଦୁର୍ଯ୍ୟୋଧନ ଧନ୍ୟବାଦ ଅର୍ପଣ କରିଥିଲେ। ସତ୍ୟପୀର ମହାନ୍ତି, ପ୍ରଫୁଲ୍ଲ ମଲ୍ଲିକ, ମନମଞ୍ଜରୀ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

ତେଲକୋଇ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ହେମନ୍ତ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଧର୍ମିଳା ଦାସ, ବେଣା ମୁଣ୍ଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ସାହୁ, ସମ୍ମାନିତ ଅତିଥି ବାସୁଦେବ ମହାନ୍ତ ସାମିଲ ହୋଇଥିଲେ। ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଆଦର୍ଶ ବିଦ୍ୟାଳୟର ଛାତ୍ରୀମାନେ ସଫଳତା ପାଇଥିଲେ। ପ୍ରତାପ ମହାନ୍ତ ସଭା ପରିଚାଳନା କରିଥିଲେ।

## ମିଳିତ ମଞ୍ଚର ରାଲି, ପଦଯାତ୍ରା

ଆନନ୍ଦପୁର,୨୦।୯(ସ୍ୱ.ପ୍ର.)

ଓଡ଼ିଶା ସ୍କୁଲ କଲେଜ ଅଧ୍ୟାପକ, ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ଆନନ୍ଦପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ବାଇକ୍ ରାଲି ଓ ପଦଯାତ୍ରାରେ ଜନ ସଚେତନତା ସୃଷ୍ଟି କରାଯାଇଥିଲା। ବ୍ଲକ ଗ୍ରାଣ୍ଟ ସ୍କୁଲ କଲେଜର ଶିକ୍ଷକ ଅଧ୍ୟାପକ କର୍ମଚାରୀ ଜନସଚେତନତା ସୃଷ୍ଟି କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ବାଇକ୍ ରାଲି ଓ ପଦଯାତ୍ରା କରିଥିଲେ।

ଏଥିରେ ପଡୋଶୀ ଘସିପୁରା ଓ ହାଟଡିହୀ ବ୍ଲକର ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ସାମିଲ ହୋଇଥିଲେ। ମିଳିତ ମଞ୍ଚ ଆନନ୍ଦପୁର ବ୍ଲକ ସଂଯୋଜକ ପ୍ରଦୀପ କୁମାର ହଜାରୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମକୁ ଅଧ୍ୟାପକ ଅଲେଖ ନାୟକ, ନିରାକାର ମିଶ୍ର, କାର୍ତ୍ତିକ ସାହୁ, ଶିକ୍ଷକ ଡମ୍ବରୁଧର ସାମଲ, ସୁଶାନ୍ତ ପତି, ରଞ୍ଜନ ଜେନା, ବିଷ୍ଣୁ ଚରଣ ସାମଲ, ପ୍ରଦୀପ ମିଶ୍ର, ସୁରେନ୍ଦ୍ର ପାତ୍ର, ଶିକ୍ଷୟିତ୍ରୀ ମନ୍ଦାକିନୀ ବେହେରା, କଳ୍ପନା ବରାଳ, ପୁଷ୍ପମଞ୍ଜରୀ କର, କମଳା ପଣ୍ଡା, କବିତା ଆଚାର୍ଯ୍ୟ, ସୌଦାମିନୀ କର, ଜାନକୀ ରଣା ସହାୟତା କରିଥିଲେ।

## ରାସ୍ତାକଡ଼ରୁ ହଟିବ ହାଣ୍ଡିଆ ଦୋକାନ

ଚମ୍ପୁଆ, ୨୦।୯(ଡି.ଏନ.ଏ.)

ବାରମ୍ବାର ରାସ୍ତା ଦୁର୍ଘଟଣାକୁ ନେଇ ପୋଲିସର ମୁଣ୍ଡ ବଥାର କାରଣ ହୋଇଛି। ପୋଲିସ ପକ୍ଷରୁ ଏକ ନୂତନ ଅଭିଯାନ ଆରମ୍ଭ କରାଯାଇଛି। ରାସ୍ତା କଡ଼ରୁ ହାଣ୍ଡିଆ ଦୋକାନ ହଟାଯିବା ନେଇ ପ୍ରୟାସ ଆରମ୍ଭ ହୋଇଛି। ହାଣ୍ଡିଆ ବିକ୍ରିକୁ ବାରଣ ସହ ଦୋକାନ ଗୁଡିକୁ ଉଚ୍ଛେଦ କରାଯିବ ବୋଲି ଚମ୍ପୁଆ ଆଇଆଇସି ସୁମିତ କୁମାର ସୋରେନ ସୂଚନା ଦେଇଛନ୍ତି। ରାସ୍ତା କଡ଼ରେ ହାଣ୍ଡିଆ ବିକ୍ରି ହେଉଛି। ଫଳରେ ଦୁର୍ଘଟଣା ଘଟୁଛି।

## ପୁରସ୍କୃତ ହେଲେ ୧୫ ମହିଳା

ତେଲକୋଇ, ୨୦।୯(ଡି.ଏନ.ଏ.)

ତେଲକୋଇ ବ୍ଲକ ମୁଖ୍ୟାଳୟର ଚାରିଗଡ ମହାବିଦ୍ୟାଳୟ ସଭା ଗୃହରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାରେ ଅଞ୍ଚଳର ବହୁ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ସମେତ କଲେଜ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଚାରିଗଡ ମହାବିଦ୍ୟାଳୟର ଅଧ୍ୟକ୍ଷ ଯୁଗୋଳ କିଶୋର ସେନାପତି ସମେତ ବ୍ଲକ ଅଧ୍ୟକ୍ଷ ମମତା ଦେହୁରି, ବିଡିଓ ଦିଲ୍ଲିପ କୁମାର ବାରା, ଶିଶୁ ପ୍ରକଳ୍ପ ଅଧିକାରୀ ସୁପ୍ରଭା ମିଶ୍ର, ବ୍ୟାଙ୍କ ଅଫ ଇଣ୍ଡିଆର ମ୍ୟାନେଜର ଆଲୋକ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ମଧ୍ୟରେ ଆଲୋଚନା ସମ୍ପର୍କିତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୫ ଜଣ ମହିଳାଙ୍କୁ ପୁରସ୍କୃତ କରାଯାଇଥିଲା। କ୍ଷେତ୍ର ପ୍ରଚାର ଅଧିକାରୀ ଜୀବନ କୁମାର ସାମନ୍ତ ସିଂହାର ସଭା ପରିଚାଳନା କରିଥିଲେ।

## ବୁଥ କମିଟି ଗଠନ ପାଇଁ ପ୍ରସ୍ତୁତି

ତେଲକୋଇ, ୨୦।୯(ଡି.ଏନ.ଏ.)

ତେଲକୋଇ ନିର୍ବାଚନ ମଣ୍ଡଳୀର ପ୍ରତି ବ୍ଲକରେ କଂଗ୍ରେସର ବୁଥ କମିଟି ଗଠନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ବ୍ଲକ ସଭାପତି ସାରଙ୍ଗଧର ପ୍ରଧାନଙ୍କ ସହ ବ୍ଲକ ସାଧାରଣ ସମ୍ପାଦକ ବାସୁଦେବ ପ୍ରଧାନ, ଆଇନଜୀବୀ ନାରାୟଣ ପ୍ରଧାନଙ୍କ ସହ ହରିଚନ୍ଦନପୁର ବ୍ଲକର କଂଗ୍ରେସ ଯୁବ ନେତା ଓ ଆଶାୟୀ ପ୍ରାର୍ଥୀ ମୋହନ ହେମ୍ବ୍ରମ ସମେତ ବିଭିନ୍ନ ପଞ୍ଚାୟତରେ ସାଙ୍ଗଠନିକ ଓ ବୁଥ ପରିଚାଳନା କମିଟିର ବୈଠକ ଚୂଡ଼ାନ୍ତ କରି ସର୍ବଶେଷ ଆଲୋଚନା କାର୍ଯ୍ୟ ଶେଷ କରିଛନ୍ତି। ବିଭିନ୍ନ ପଞ୍ଚାୟତର ଥିବା କଂଗ୍ରେସ କର୍ମୀ ବହୁ ସଂଖ୍ୟାରେ ସାମିଲ ହେବା ନେଇ ବିଜେଡି, ଭାଜପାଙ୍କ ମଧ୍ୟରେ ଶଙ୍କା ସୃଷ୍ଟି ହୋଇଛି।



ବୈଠକରେ ଯୋଗ ଦେଇଥିବା କଂଗ୍ରେସ କର୍ମକର୍ତ୍ତା।

## ବସ୍ ଭଡ଼ାକୁ ନେଇ ବଚସା

ଚମ୍ପୁଆ, ୨୦।୯(ଡି.ଏନ.ଏ.)

ଚମ୍ପୁଆରୁ ଯୋଡ଼ା ଯାଉଥିବା କେତେକ ବସ୍ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଭଡାଠାରୁ ଅଧିକ ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି। ଲୋକାଲ ବସ୍ ଗୁଡିକରେ ଆବଶ୍ୟକତାଠାରୁ ଅଧିକା ଭଡ଼ା ଆଦାୟ କରାଯିବାରୁ ଯାତ୍ରୀ ଚମ୍ପୁଆ ଥାନାରେ ଅଭିଯୋଗ କରିଛନ୍ତି। ପଠାଣି ପୃଷ୍ଟିଙ୍କ ପୁଅ ପିଣ୍ଟୁ ପୃଷ୍ଟି ଗତ ୧୬।୦୯।୨୦୧୮ରେ ଏକ ବସ୍‌ରେ ଯୋଡାରୁ ଚମ୍ପୁଆ ଫେରିଥିଲେ। ବସ୍ କଣ୍ଡକ୍ଟର ତାଙ୍କୁ ତିରିଶ ଟଙ୍କା ଭଡ଼ା ମାଗିଥିଲେ। ଅଧିକ ଭଡ଼ାକୁ ନେଇ ପିଣ୍ଟୁ ବିରୋଧ କରିବାରୁ କଣ୍ଡକ୍ଟର ସହ ବଚସା ହୋଇଥିଲା। ଯୋଡାରୁ ଚମ୍ପୁଆ ୨୧ ଟଙ୍କା ୬୦ ପଇସା ଥିବା ବେଳେ କଣ୍ଡକ୍ଟର ଜଣଙ୍କ ୩୦ ଟଙ୍କା ଭଡା ଆଦାୟ କରିଥିଲେ। ପିଣ୍ଟୁ ଚମ୍ପୁଆ ଥାନାରେ ଏକ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି।